ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ଜୁଲାଇ ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 JULY 2020

Vol.No. 30 ■ No. 180 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA

A Fully +2 Science Residential College

Dibyasingpur, Udala,

Dist: Mayurbhanj

2nd Admission is going on

SUMMER COURSE:- 2nd Batch Admission

Starts from: Dt.19.03.2020 and Class Starts From:- 2nd April (Thursday)

ଏହି SUMMER COURSE FEE କେବଳ ମାତ୍ର ୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।

For better development of students are taught by highly and well experienced faculties.

Contact No:

9437294587, 9438232419, 9437443950, 9937557158,9438317887

S d- P.C Bindhani

Chairman

ଅଗଷ୍ଟ ୩୧ ଯାଏଁ ବନ୍ଦ ରହିବ ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର,୧୮।୭ (ନି.ପ୍ର): କୋଭିଡ୍-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ଥିବା ସ୍ୱତନ୍ତ୍ର ଶିକ୍ଷାନୁଷ୍ଠାନଗୁଡ଼ିକୁ ଆସନ୍ତା ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ସରକାର ସ୍ଥିର କରିଛନ୍ତି । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ମର୍ମରେ ନିର୍ଦ୍ଦେଶନାମା ଜାରି କରାଯାଇଛି ।

ପିପିଇ୍ କିଟ୍ ପରୀକ୍ଷଣ ପାଇଁ ସିପେଟ୍‌କୁ ମିଳିଲା ଅନୁମତି

ଭୁବନେଶ୍ୱର,୧୮।୭ (ନି.ପ୍ର): ଭୁବନେଶ୍ୱର ସ୍ଥିତ ଜାତୀୟ ପ୍ଲାଷ୍ଟିକ୍ ଇଂଜିନିୟରିଂ ଓ ଟେକ୍‌ନୋଲୋଜି ପ୍ରତିଷ୍ଠାନ: ପ୍ଲାଷ୍ଟିକ୍ ଟେକ୍‌ନୋଲୋଜି ପ୍ରତିଷ୍ଠାନ (ସିପେଟ୍:ଆଇପିଟି) ବ୍ୟକ୍ତିଗତ ସୁରକ୍ଷା ଉପକରଣ (ପିପିଇ) କିଟ୍‌ଗୁଡ଼ିକର ପରୀକ୍ଷଣ ନିମନ୍ତେ ଜାତୀୟ ପରୀକ୍ଷଣ ଓ କ୍ରମାଙ୍କନ ପ୍ରମାଣନ ଗବେଷଣାଗାର ବୋର୍ଡ (ନ୍ୟାସନାଲ୍ ଆକ୍ରିଡିଟେସନ୍ ବୋର୍ଡ ଫର ଟେଷ୍ଟିଂ ଆଣ୍ଡ କ୍ୟାଲିବ୍ରେସନ୍ ଲାବୋରେଟୋରିଜ୍) ଠାରୁ ଅନୁମତି ଲାଭ କରିଛି ।

କରୋନା ସଚେତନତା ନେଇ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା

କଷ୍ଟ ହେଲେ ମଧ୍ୟ ଅସୀମ ଧୈର୍ଯ୍ୟ ରଖି ସମସ୍ତଙ୍କ ମନକୁ ଜିତି ସମାଜକୁ ବୁଝାଇବା ଦରକାର: ଧର୍ମେନ୍ଦ୍ର

ଭୁବନେଶ୍ୱର,୧୮।୭ (ନି.ପ୍ର): କରୋନା ପାଇଁ ଲୋକଙ୍କୁ ସଚେତନ କରିବା ଦାୟିତ୍ୱରେ ଥିବା ଓଡିଶାର ପ୍ରଶାସନିକ ଅଧିକାରୀମାନେ କଷ୍ଟ ହେଲେ ମଧ୍ୟ ଅସୀମ ଧୈର୍ଯ୍ୟ ରଖି ସମସ୍ତଙ୍କ ମନକୁ ଜିତି ସମାଜକୁ ବୁଝାଇବା କାମରେ ଲାଗିବା ଦରକାର ବୋଲି ସାମାଜିକ ଗଣମାଧ୍ୟମରେ ଏକ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ କରୋନା ମହାମାରୀର ପ୍ରକୋପ ଲମ୍ବା ସମୟ ଧରି ଚାଲିବ। ଏହାକୁ ଧ୍ୟାନରେ ରଖି ସମସ୍ତଙ୍କ ଜୀବନ ଓ ଜୀବିକାକୁ ମଧ୍ୟ ଗୁରୁତ୍ୱ ଦେବାର ଆବ୍ୟକତା ରହିଛି । ଓଡିଆରେ ଏକ ଉକ୍ତି ଅଛି ଖା, ଭୁଞ୍ଜ ଓ ଗିଳ୍ । ଲୋକଙ୍କ ଠାରେ ତିନୋଟି ଶବ୍ଦର ପ୍ରୟୋଗ ତିନି ପ୍ରକାରର ପ୍ରତିକ୍ରିୟା ପରିଲକ୍ଷିତ ହୁଏ । ତେଣୁ କେଉଁ ସମୟରେ କେଉଁ ଶବ୍ଦ ପ୍ରୟୋଗ କରାଯିବ ସେଥିପ୍ରତି ସଚେତନ ହେବା ଦରକାର । ବିଶେଷ ଭାବରେ ଯେଉଁମାନେ ନିୟମ ପାଳନ କରେଇବା ଦାୟିତ୍ୱରେ ଅଛନ୍ତି ତଥା ବ୍ୟବସ୍ଥାରେ ଥିବା ଅଧିକାରୀମାନେ କଷ୍ଟ ହେଲେ ମଧ୍ୟ ଅସୀମ ଧୈର୍ଯ୍ୟ ରଖି ସାମାଜକୁ ବୁଝାଇବା କାମରେ ଲାଗିବାର ଆବଶ୍ୟକତା ରହିଛି। ବ୍ୟବସ୍ଥାରେ ଥିବା ଅଧିକାରୀ ମାନେ ଲୋକଙ୍କୁ ଏହପରି ଏକ କଠିନ ସମୟରେ ବୁଝାଇବା ସହ ପରାମର୍ଶ ଦେବା ଦରକାର । ଏହା ସେମାନଙ୍କ ପାଇଁ ବଡ଼ ଦାୟିତ୍ୱ ହେବା ଦରକାର । କାରଣ ଥରେ ସମାଜରେ ଅବିଶ୍ୱାସ ଏବଂ ଅସନ୍ତୋଷର ବାତାବରଣ ତିଆରି ହେଲେ ମୂଳ କଥାକୁ ଭୁଲିଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ସେ କହିଛନ୍ତି । ଯେଉଁ ପର୍ଯ୍ୟନ୍ତ କରୋନା ଟୀକା ତିଆରି ହୋଇନାହିଁ ସେ ପର୍ଯ୍ୟନ୍ତ ଆମ ସମସ୍ତଙ୍କୁ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତା ଓ ସରକାରଙ୍କ ନିୟମକୁ ପାଳନ କରିବା ଦରକାର । ରାଜ୍ୟ ସରକାର ଖୋର୍ଦ୍ଧା, ଗଞ୍ଜାମ, କଟକ ଓ ଯାଜପୁର ଜିଲ୍ଲା ଏବଂ ସୁନ୍ଦରଗଡ଼ର ରାଉରକେଲା ମୁନିସିପାଲଟିରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲକ୍ ଡ଼ାଉନ୍ ଘୋଷଣା କରିଛନ୍ତି । ଏହି ଅଂଚଳର ଲୋକମାନେ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅସୀମ ଧୈର୍ଯ୍ୟର ପରାକାଷ୍ଠା ଦେଖାଇ ସରକାର, ପ୍ରଶାସନ ଓ ଅଧିକାରୀ ମାନଙ୍କୁ ସହଯୋଗ କରିବା ଦରକାର। ଅତୀତରେ ଓଡ଼ିଆ ଜାତି ବିପତି ସମୟରେ ଅସୀମ ସାହାସ ଓ ଧୈର୍ଯ୍ୟ ଦେଖାଇ ଆସିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ପ୍ରେରଣା ସମସ୍ତଙ୍କ ସାଥୀରେ ରହିଛି। ସଂଯମତା ଓ ଆବେଗର ନୂଆ ରାସ୍ତାର ବଡ଼ ଉଦାହରଣ ହେଲା ଚଳିତବର୍ଷର ରଥଯାତ୍ରା। ତେଣୁ ମହାପ୍ରଭୁଙ୍କ ଆଶୀର୍ବାଦକୁ ପାଥେୟ କରି ଓଡ଼ିଆ ସମାଜ ନିଜକୁ ସମ୍ଭାଳିବ ବୋଲି ଦୃଢ଼ ବିଶ୍ୱାସ ରହିଥିବା ଶ୍ରୀ ପ୍ରଧାନ କହିଛନ୍ତି।

ରାସନ ସାମଗ୍ରୀ ନେବା ବେଳେ ଫିଙ୍ଗର ପ୍ରିଂଟ ମନା: ରଣେନ୍ଦ୍ର ପ୍ରତାପ ସ୍ୱାଇଁ

ଭୁବନେଶ୍ୱର,୧୮।୭ (ନି.ପ୍ର): କରୋନା କାରଣରୁ ବର୍ତମାନ ହିତାଧିକାରୀ ମାନେ ରାସନ ସାମଗ୍ରୀ ନେବା ବେଳେ ଫିଙ୍ଗର ପ୍ରିଂଟ ଦେବାକୁ ବାରଣ କରା ଯାଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ କରୋନା ଦୃଷ୍ଟିରୁ ଫିଙ୍ଗର ପ୍ରିଂଟ ନଦେବାକୁ କୁହା ଯାଇଛି । ପରବର୍ତୀ ନିର୍ଦ୍ଦେଶ ଯାଏଁ ଫିଙ୍ଗର ପ୍ରିଂଟ ଦେବା ଆବଶ୍ୟକ ହେବ ନାହିଁ ବୋଲି ସେ କହିଛନ୍ତି । ଫିଙ୍ଗର ପ୍ରିଂଟ ସ୍କାନର ଓ ଆଇଆରଆଇଏସ ମେସିନ ବନ୍ଦ ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି ।

ଏସସିବି ଓ କ୍ୟାନ୍ସର ହସ୍ପିଟାଲ ଓପିଡିରେ ଗହଳି ନିୟନ୍ତ୍ରଣ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୧୮।୭ (ନି.ପ୍ର): କଟକ ଜିଲ୍ଲା କୋଭିଡ୍ ପର୍ଯ୍ୟବେକ୍ଷକ ତଥା କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ.ସୌରଭ ଗର୍ଗ ଜିଲ୍ଲାରେ କୋଭିଡ୍-୧୯ ସଂକ୍ରମଣ ପ୍ରତିରୋଧ ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ସମୀକ୍ଷା କରିଛନ୍ତି ଏବଂ କୋଭିଡ୍ ରୋଗୀଙ୍କ ବ୍ୟାପକ ଚିହ୍ନଟକରଣ, ପରୀକ୍ଷଣ ଓ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଛନ୍ତି। କଟକସ୍ଥିତ ଏସ୍‌ସିବି ମେଡିକାଲ୍ କଲେଜ ଓ ଆଚାର୍ଯ୍ୟ ହରିହର ଆଂଚଳିକ କର୍କଟ କେନ୍ଦ୍ରର ବହିର୍ବିଭାଗ ତଥା କାଜୁଆଲିଟିକୁ ଆସୁଥିବା ପରିଦର୍ଶକ ଏବଂ ରୋଗୀଙ୍କ ସହାୟକଙ୍କ ଗହଳିକୁ ନିୟନ୍ତ୍ରଣ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲ୍ଲାପାଳ, ମହାନଗର ନିଗମ କମିଶନରଙ୍କ ସମେତ ଅନ୍ୟ ପଦାଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।

ଜୁଲାଇ ୨୦ରୁ ସିବିଡିଟି ପକ୍ଷରୁ ସ୍ୱେଚ୍ଛାକୃତ ଆୟକର ପ୍ରଦାନ ସଂକ୍ରାନ୍ତ ଇ-ଅଭିଯାନ ଆରମ୍ଭ ହେବ

ନୂଆଦିଲ୍ଲୀ,୧୮।୭ (ନି.ପ୍ର): ସ୍ୱେଚ୍ଛାକୃତଭାବେ ଆୟକର ପ୍ରଦାନ ପାଇଁ ଲୋକଙ୍କୁ ସଚେତନ କରିବା ନିମନ୍ତେ ଆୟକର ବିଭାଗ ପକ୍ଷରୁ ଚଳିତମାସ ୨୦ ତାରିଖ ସୋମବାରଠାରୁ ଇ-ଅଭିଯାନ ଆରମ୍ଭ ହେବ । ଏହି ଅଭିଯାନ ୧୧ ଦିନଧରି ଚାଲି ଜୁଲାଇ ୩୧ ତାରିଖରେ ଶେଷ ହେବ । ଏଥିରେ ମୁଖ୍ୟତଃ କରଦାତା/ଆସେସି ଯେଉଁମାନେ ରିଟର୍ଣ୍ଣ ଫାଇଲ କରୁନାହାନ୍ତି କିମ୍ବା ୨୦୧୮-୧୯ ଆର୍ଥିକ ବର୍ଷରେ ସେମାନଙ୍କ ରିଟର୍ଣ୍ଣ ଫାଇଲରେ ତ୍ରୁଟି ଅଥବା ତଥ୍ୟଗତ ଅଭାବ ରହିଛି, ସେମାନଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବ । ଏହି ଅଭିଯାନ କେବଳ ୨୦୧୮-୧୯ ଆର୍ଥିକବର୍ଷ ପାଇଁ ଉଦ୍ଦିଷ୍ଟ । ଏହି ଅଭିଯାନ କାଳରେ ଟିକସଦାତାଙ୍କୁ ଅନ୍ ?ଲାଇନ ବ୍ୟବସ୍ଥାରେ ନିଜର ଟିକସ/ଆର୍ଥିକ କାରବାର ସଂପର୍କରେ ତଥ୍ୟ ପ୍ରଦାନ କରିବାକୁ ସଚେତନ କରାଯିବ । ସ୍ୱେଚ୍ଛାକୃତ ଭାବରେ ନିଜର ଆୟ ଏବଂ ଟିକସ ଆଦି ସଂପର୍କରେ ଆୟକର ବିଭାଗକୁ ସୂଚନା ଦେବାକୁ ଲୋକଙ୍କୁ କୁହାଯିବ । ଏହାଫଳରେ ସଂପୃକ୍ତ ବ୍ୟକ୍ତିବିଶେଷ ବା ଆୟକାରୀ ଅଯଥା ଆୟକର ବିଭାଗର ସନ୍ଦେହରେ ରହିବେ ନାହିଁ କିମ୍ବା ତାଙ୍କ ପାଖକୁ ନୋଟିସ ପଠାଯିବ ନାହିଁ । ଏହି କାର୍ଯ୍ୟକ୍ରମରେ ଚିହ୍ନଟ ହୋଇଥିବା କେତେକ ଟିକସଦାତାଙ୍କ ପାଖକୁ ଆୟକର ବିଭାଗ ପକ୍ଷରୁ ଇ-ମେଲ ଓ ଏସ୍ ?ଏମ୍ ?ଏସ୍ ? ପଠାଯିବ । ଏଥିରେ ସେମାନଙ୍କର ବିଭିନ୍ନ ସୂତ୍ରରୁ ହୋଇଥିବା ଆୟ, ଆର୍ଥିକ କାରବାର, ଟିଡିଏସ୍ ?, ଟିସିଏସ୍ ?, ଫରେନ ରେମିଟାନ୍ସ ଆଦି ସଂପର୍କରେ ପ୍ରଶ୍ନ ପଚରାଯିବ । ପଚରାଯାଇଥିବା ପ୍ରଶ୍ନଗୁଡିକ ସଂପର୍କରେ ସଂପୃକ୍ତ ଆୟକାରୀଙ୍କୁ ଆୟକର ବିଭାଗକୁ ତଥ୍ୟ ଦେବାକୁ ପଡିବ । ଆୟକର ବିଭାଗ ମଧ୍ୟ ଜିଏସ୍ ?ଟି, ରପ୍ତାନୀ, ଆମଦାନୀ ଏବଂ ପ୍ରତିଭୂତି କାରବାର, ମ୍ୟୁଚୁଆଲ ଫଣ୍ଡ, ▶▶ପୃଷ୍ଠା ୭

ରାଜ୍ୟରେ ଆଉ ୫୯୧ କରୋନା ଆକ୍ରାନ୍ତ ଚିହ୍ନଟ: ମୋଟ ମାମଲା ୧୬,୭୦୧କୁ ବୃଦ୍ଧି



ଭୁବନେଶ୍ୱର,୧୮।୭ (ନି.ପ୍ର): ରାଜ୍ୟରେ ଆଜି ଆଉ ୫୯୧କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ୧୬୭୦୧ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା ୫୯୧ ଜଣଙ୍କ ମଧ୍ୟରୁ ୩୯୪ ଜଣ ସଂଗରୋଧ କେନ୍ଦ୍ରରୁ ହୋଇଥିବା ବେଳେ ୧୯୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ▶▶ପୃଷ୍ଠା ୭

ରାଜ୍ୟରେ ଆଉ ତିନି ଜଣଙ୍କର କରୋନାରେ ମୃତ୍ୟୁ: ମୃତ୍ୟୁ ସଂଖ୍ୟା ୮୬ ହେଲା

ଭୁବନେଶ୍ୱର,୧୮।୭ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ପୁଣି ୩ ଜଣ କରୋନା ସଂକ୍ରମିତଙ୍କର ମୃତ୍ୟୁ ଘଟିଛି । ଏହା ଫଳରେ ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୮୬ କୁ ବୃଦ୍ଧି ପାଇଛି ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୃତକ ମାନଙ୍କ ମଧ୍ୟରେ ଦୁଇ ଜଣ ଗଂଜାମ ଜିଲ୍ଲାର ହୋଇଥିବା ବେଳେ ଜଣେ ଗଜପତି ଜିଲ୍ଲାର । ଏମାନଙ୍କ ମଧ୍ୟରେ ଜଣେ ମହିଳା ରହିଛନ୍ତି। ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲାର ୬୩ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । ଏହାଛଡ଼ା ଗଂଜାମ ଜିଲ୍ଲାର ଅନ୍ୟ ଜଣେ ୬୦ ବର୍ଷୀୟ କରୋନା ସଂକ୍ରମିତଙ୍କ ମୃତ୍ୟୁ ହୋଇଛି।।

କାମ୍ପା ପାଣ୍ଠି ଖର୍ଚ୍ଚରେ ବ୍ୟାପକ ଦୁର୍ନୀତି ଅଭିଯୋଗ ଆଣିଲା କଂଗ୍ରେସ

ଭୁବନେଶ୍ୱର,୧୮।୭ (ନି.ପ୍ର): କାମ୍ପା ଫଣ୍ଡରୁ ମିଳୁଥିବା ଅର୍ଥ ଜଙ୍ଗଲ ନଷ୍ଟ ହେଉଥିବା ଅଂଚଳ ପାଇଁ ଖର୍ଚ୍ଚ ହୋଇଥାଏ। ରାଜ୍ୟ ସରକାର ବିଭିନ୍ନ ଭାବରେ ଏହି ଅର୍ଥ ବିନିଯୋଗ କରୁଥିବା କହୁଥିଲେ ମଧ୍ୟ ଜଙ୍ଗଲର ସୌନ୍ଦର୍ଯ୍ୟତା ସାନ୍ଦ୍ରତା କ୍ଷୟ ପାଇବାରେ ଲାଗିଛି। ସରକାର ଅତିରଞ୍ଜିତ ଅସତ୍ୟ ତଥ୍ୟ ରଖି ହଜାର ହଜାର କୋଟି ଟଙ୍କା ଆତ୍ମସାତ କରିଛନ୍ତି। ଏକ ନିରପେକ୍ଷ ଏବଂ ଦକ୍ଷ ତଥା ଜ୍ଞାନ ସମ୍ପନ୍ନ କମିଟି ଦ୍ୱାରା ଏହାର ତଦନ୍ତ କଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି। ଏକ ପ୍ରେସ୍ ବାର୍ତାରେ ସେ କହିଛନ୍ତି ଯେ ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ୮୮୫ ବର୍ଗ କିଲୋମିଟର ଜଙ୍ଗଲ ସୃଷ୍ଟି ହୋଇଥିବା କଥା ମନ୍ତ୍ରୀ ବିଧାନସଭାରେ କହିଥିଲେ। ଗତବର୍ଷ ୨୦୧୯ ସେପ୍ଟେମ୍ବର ମାସରେ କେନ୍ଦ୍ର ସରକାର କାମ୍ପା ପାଣ୍ଠିରୁ ସବୁ ରାଜ୍ୟ ପାଇଁ ୪୭ ହଜାର ୪୩୬ କୋଟି ଟଙ୍କା ବରାଦ କରିଥିଲେ। ସେଥିରୁ ଓଡିଶାକୁ ୫୯୩୮.୯୮ ▶▶ପୃଷ୍ଠା ୭

ଦେଶରେ ମାତ୍ର ୩,୫୮,୬୯୨ ଜଣ ପ୍ରକୃତ କୋଭିଡ ରୋଗୀ

ନୂଆଦିଲ୍ଲୀ,୧୮।୭ (ନି.ପ୍ର): କେନ୍ଦ୍ର ସରକାରଙ୍କ ନେତୃତ୍ୱରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡିକ ଦ୍ୱାରା କୋଭିଡ-୧୯ ପରିଚାଳନା ପାଇଁ ସମୟାନୁବର୍ତୀ, ସକ୍ରିୟ ଏବଂ ପ୍ରଭାବୀ ରଣନୀତିକ ପଦକ୍ଷେପ କାର୍ଯ୍ୟକାରୀ ହୋଇଛି, ଯାହାଦ୍ୱାରା ପ୍ରକୃତ କୋଭିଡ ରୋଗୀ ହାର ପରିଚାଳନା ଯୋଗ୍ୟ ହୋଇ ରହିବ । ଆଜିସୁଦ୍ଧା ଦେଶରେ କୋଭିଡ ମାମଲା ମାତ୍ର ୩,୫୮,୬୯୨ ରହିଛି । ଆରୋଗ୍ୟ ସଂଖ୍ୟା ଆହୁରି ବୃଦ୍ଧି ପାଇ ୬,୫୩,୭୫୦ରେ ପହଂଚିଛି । ସୁସ୍ଥ ଏବଂ ସକ୍ରିୟ ରୋଗୀଙ୍କ ମଧ୍ୟରେ ପାର୍ଥକ୍ୟ ଧୀରେ ଧୀରେ ବଢିବାରେ ଲାଗିଛି । ଆଜି ଏହା ୨,୯୫,୦୫୮ ହୋଇଛି । ଡାକ୍ତରଖାନାରେ ଥିବା ସମସ୍ତ ୩,୫୮,୬୯୨ ସକ୍ରିୟ ମାମଲାଙ୍କ ଚିକିତ୍ସା ପ୍ରତି ଧ୍ୟାନ ଦିଆଯାଉଛି । କେନ୍ଦ୍ର ଏବଂ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳ ସରକାରଙ୍କ ଦ୍ୱାରା ନିଆଯାଇଥିବା ସମନ୍ୱିତ ପଦକ୍ଷେପ କୋଭିଡ ମହାମାରୀର ପରିଚାଳନାକୁ ସୁନିଶ୍ଚିତ କରିଛି । ରାଜ୍ୟ ସରକାରମାନଙ୍କ ଉଦ୍ୟମକୁ ସମର୍ଥନ ଜଣାଇ ତଥା ସେମାନଙ୍କୁ ଏ ଦିଗରେ ସହାୟତା କରିବା ପାଇଁ କେନ୍ଦ୍ର ସରକାର କେନ୍ଦ୍ରୀୟ ବିଶେଷଜ୍ଞ ଦଳ ପଠାଇବା ଜାରି ରଖିଛନ୍ତି । ରାଜ୍ୟରେ କୋଭିଡ ପରିଚାଳନାର ମୂଲ୍ୟାଙ୍କନ ଏବଂ ▶▶ପୃଷ୍ଠା ୭

ଲକ୍ ଡାଉନ୍‌ର ପ୍ରଥମ ଦିନରେ ଭୁବନେଶ୍ୱରରେ ଯାଂଚ କଡାକଡି

ଭୁବନେଶ୍ୱର,୧୮।୭ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧି ଉପରେ ରୋକ୍ ଲଗାଇବା ପାଇଁ ୪ ଜିଲ୍ଲା ଓ ଗୋଟିଏ ମହାନଗର ନିଗମରେ ଘୋଷଣା କରାଯାଇଥିବା ୧୪ ଦିନିଆ ଲକ୍ ଡାଉନ୍ ର ଶନିବାର ଥିଲା ପ୍ରଥମ ଦିନ। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଏଥରର ଲକ୍ ଡାଉନ୍ କଡାକଡି ହେବ ବୋଲି ଗତକାଲି ପୋଲିସ୍ କମିଶନର ସୁଧାଂଶୁ ଷଡଙ୍ଗୀ ସୂଚନା ଦେଇଥିଲେ। ଅଧିକ ସଂକ୍ରମିତ ଥିବା ଖୋର୍ଦ୍ଧା , ଗଂଜାମ , ଯାଜପୁର ଓ କଟକ ଜିଲ୍ଲା ଏବଂ ରାଉରକେଲା ମହାନଗର ନିଗମ ଅଂଚଳରେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଲକ୍ ଡାଉନ୍ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। କମିଶନରେଟ୍ ପୋଲିସ୍ ପକ୍ଷରୁ ବିଭିନ୍ନ ଛକ ରେ ଚେକିଂ କରୁଥିବାର ଦେଖାଯାଇଥିଲା। ପୋଲିସ୍ ସେମାନଙ୍କୁ ବାହାରକୁ ଆସିବାର କାରଣ ପଚାରିବା ସହ କାଗଜପତ୍ର ଯାଂଚ କରୁଥିଲେ । ଯେଉଁମାନେ ବିନା କାରଣରେ ବାହାରକୁ ଆସିଥିଲେ ସେମାନଙ୍କ ଠାରୁ ଜୋରିମାନା ଆଦାୟ କରାଯାଇଥିଲା। ସକାଳ ୬ ଟାରୁ ଦିନ ଗୋଟାଏ ପର୍ଯ୍ୟନ୍ତ ପରିବା, ଗ୍ରୋସରୀ ଓ ଆମିଷ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ ଦୋକାନ୍ ଖୋଲା ରହିଥିଲା। ରାଜଧାନୀବାସୀ ଏହାକୁ ମାନିଥିଲେ। ଦୋକାନୀମାନେ ମଧ୍ୟ ଏଥର ସାମାଜିକ ଦୂରତାକୁ ବିଶେଷ ଗୁରୁତ୍ୱ ଦେଇଥିଲେ।

ହଟସ୍ପଟ୍ ଜିଲ୍ଲା ରୋଗୀଙ୍କୁ ଚିକିତ୍ସା ନକଲେ ହେବ କାର୍ଯ୍ୟାନୁଷ୍ଠାନ: ମୁଖ୍ୟ ସଚିବ

ଭୁବନେଶ୍ୱର,୧୮।୭ (ନି.ପ୍ର): ହଟ ସ୍ପଟ ଜିଲ୍ଲା ମାନଙ୍କରେ ରୋଗୀଙ୍କୁ ଚିକିତ୍ସା ନ କରୁଥିବା ଘରୋଇ ହସପିଟାଲ ଓ କ୍ଲିନିକକୁ ରାଜ୍ୟସରକାର ସତର୍କ କରାଇ ଦେଇଛନ୍ତି । ରାଜ୍ୟର ମୁଖ୍ୟ ଶାସନ ସଚିବ ଟ୍ୱିଟ କରି କହିଛନ୍ତି ଯେ ହଟସ୍ପଟ୍ ଜିଲ୍ଲା ରୋଗୀଙ୍କୁ ଚିକିତ୍ସା ନକଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯିବ। ରୋଗୀଙ୍କ ଚିକିତ୍ସା ନକରିବା ବେଆଇନ ଓ ଅନୈତିକ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ରୋଗୀଙ୍କୁ ଆଡମିଟ୍ କରିବାକୁ ମନା କଲେ ସରକାର କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । ଆବଶ୍ୟକ ପଡିଲେ ୧୦୦ ନମ୍ବର ଡାଏଲ କରି ସହାୟତା ପାଇପାରିବେ। ମୁଖ୍ୟ ଶାସନ ସଚି

ବିଷ ପାନ କରି ପ୍ରଥମ ସ୍ତ୍ରୀଙ୍କ ଆତ୍ମହତ୍ୟା ଘଟଣା- ସ୍ୱାମୀ ଓ ଦ୍ୱିତୀୟ ସ୍ତ୍ରୀଙ୍କୁ କୋର୍ଟ ଚାଲାଣ

ନୂଆପଡା, ୧୮/୭ (ନି.ପ୍ର): ନୂଆପଡା ଜିଲ୍ଲା ଖଡିଆଳ ବ୍ଲକ ସାନମହେଶ୍ୱର ପଂଚାୟତ ଅନ୍ତର୍ଗତ ଘରଧରା ଗ୍ରାମରେ ଗୁରୁବାର ବିଷପାନ କରି ପ୍ରଥମ ସ୍ତ୍ରୀଙ୍କ ଆତ୍ମହତ୍ୟା ଘଟଣାରେ ଖଡିଆଳ ପୁଲିସ ତାଙ୍କ ସ୍ୱାମୀ ଏବଂ ଦ୍ୱିତୀୟ ସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦେଇଛି । ଘରଧରା ଗ୍ରାମର ଧନେଶ୍ୱର ସଗରିଆଙ୍କ ପ୍ରଥମ ସ୍ତ୍ରୀ ନିର୍ବାଳୀ ସଗରିଆ ଗତକାଲି ବିଷ ପାନ କରି ଆତ୍ମହତ୍ୟା କରିଥିଲେ । ଏନେଇ ପୁଲିସ ଘଟଣାର ତଦନ୍ତ କରି ନିର୍ବାଳୀଙ୍କ ସ୍ୱାମୀ ଧନେଶ୍ୱର ସଗରିଆ ଏବଂ ଦ୍ୱିତୀୟ ସ୍ତ୍ରୀ ବିଷ୍ଣୁପ୍ରିୟା ପଟେଲଙ୍କୁ ଅଟକ ରଖି ଜେରା କରିଥିଲେ । ଶୁକ୍ରବାର ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ କୈଳାସ ଚନ୍ଦ୍ର ସେଠୀ ସୂଚନା ଦେଇଛନ୍ତି । ଏଠାରେ ସୂଚନା ଯୋଗ୍ୟ ଯେ ଧନେଶ୍ୱର ସଗରିଆ ଦ୍ୱିତୀୟ ସ୍ତ୍ରୀଙ୍କୁ ବିବାହ ପରେ ପ୍ରଥମ ସ୍ତ୍ରୀ ନିର୍ବାଳୀଙ୍କୁ ଉଭୟେ ସ୍ୱାମୀ ଏବଂ ଦ୍ୱିତୀୟ ସ୍ତ୍ରୀ ମିଶି ଅନେକ ସମୟରେ ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ଯୌତୁକ ଜନୀତ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏହାକୁ ସହ୍ୟ କରିନପାରି ନିର୍ବାଳୀ ସଗରିଆ ଶେଷରେ ବିଷ ପାନ କରି ଆତ୍ମହତ୍ୟା କରିଥିଲେ । ଏହି ଘଟଣାକୁ ନେଇ ନିର୍ବାଳୀଙ୍କ ଭାଇ ନବ ଆଉଜୁଏଡ ମଧ୍ୟ ଖଡିଆଳ ଥାନାରେ ଯୌତୁକ ଜନୀତ ନିର୍ଯ୍ୟାତନା ଦେଇ ତାଙ୍କ ଭଉଣୀକୁ ଜୀବନରେ ମାରି ଦେଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଏହି ଘଟଣାକୁ ଅନୁସନ୍ଧାନ କରି ପୁଲିସ ଉଭୟ ସ୍ୱାମୀ ଧନେଶ୍ୱର ସଗରିଆ ଓ ଦ୍ୱିତୀୟ ସ୍ତ୍ରୀ ବିଷ୍ଣୁପ୍ରିୟା ପଟେଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ସୂଚନା ଦେଇଛି ।

ଆଗାମୀ ୪ ଦିନ ସଟ୍‌ଡାଉନ୍ ପାଇଁ ବଜାର ଭିଡ

କନ୍ଧମାଳ, ୧୮/୭ (ନି.ପ୍ର): କରୋନା ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଶନିବାର ଠାରୁ ୪ ଦିନ ଫୁଲବାଣୀ ଓ ବାଲିଗୁଡା ସହରରେ ସଟଡାଉନ୍ ଘୋଷଣା ହୋଇଛି । ଏହି ୪ ଦିନ ସମସ୍ତ ଦୋକାନ ବଜାର ବନ୍ଦ ରହିବ । ତେଣୁ ଆଜି ବଜାରରେ ପ୍ରବଳ ଭିଡ ହୋଇଥିଲା । ଲୋକେ ୪ ଦିନ ପାଇଁ ଆବଶ୍ୟକ ପନିପରିବା ଓ ଅତ୍ୟାବଶ୍ୟକ ରାସନ ସାମଗ୍ରୀ କିଣିବାକୁ ଦୋକାନମାନଙ୍କରେ ଭିଡ କରିଥିଲେ । ଭିଡ ପାଇଁ ସାମାଜିକ ଦୁରତା ରହୁନଥିଲା । ତେବେ ଏଥିପ୍ରତି ପ୍ରଶାସନ ଓ ପୁଲିସର ନିଘା ନଥିବା ଦେଖିବାକୁ ମିଳିଥିଲା । ବିଭିନ୍ନ ଛକମାନଙ୍କରେ ପୁଲିସ ଜଗିଥିବା ସହ ପୁଲିସ ପେଟ୍ରୋଲିଂ ଗାଡି ବୁଲୁଥିଲେ ମଧ୍ୟ ଲୋକଙ୍କ ସାମାଜିକ ଦୁରତା ରକ୍ଷା କରିବା ଉପରେ ପଦକ୍ଷେପ ନିଆ ଯାଇନଥିଲା । ଏହାକୁ ନେଇ ବୁଦ୍ଧିଜୀବୀମାନେ କରୋନା ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା କରିବା ସହ ତୁରନ୍ତ ପ୍ରଶାସନ ଏ ଦିଗ ପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି ।

ଦଶରାପଦା ସାହି ବାସିନ୍ଦାଙ୍କ ସମସ୍ୟା; ରାସ୍ତାରେ ଜମି ରହୁଛି ବର୍ଷାପାଣି

ଆନନ୍ଦପୁର, ୧୮/୭ (ନି.ପ୍ର): ବର୍ଷା ହେଲେ ସମସ୍ୟା, ବର୍ଷା ଛାଡିଲେ ବି ସମସ୍ୟା। ବର୍ଷା ଜଳ ରାସ୍ତାରେ ଜମି ରହି ଯାତାୟତରେ ସମସ୍ୟା ସୃଷ୍ଟି କରୁଥିବାବେଳେ ବର୍ଷା ଛାଡିଲେ କାଦୁଅ ଓ ଖାଲୁଆ ରାସ୍ତାରେ ଯାତାୟତ କରିବା ମଧ୍ୟ କଷ୍ଟକର ହୋଇପଡୁଛି। ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଆନନ୍ଦପୁର ପୌରପରିଷଦ ୭ ନଂ ୱାର୍ଡ୍ ଦଶରାପଦା ସାହିରେ ଏହିଭଳି ସମସ୍ୟା ଲାଗିରହିଛି। କେବେ ରାସ୍ତାର ଅବସ୍ଥା ସୁଧୁରିବ, କେବେ ଲୋକଙ୍କ ଦୁଃଖ ଦୂର ହେବ ତାହା ଏବେ ଚିନ୍ତାର ବିଷୟ ପାଲଟିଛି। ବର୍ତମାନ ସମୟରେ ଗ୍ରାମାଂଚଳର ରାସ୍ତାର ଅବସ୍ଥାରେ ସୁଧାର ପରିଲକ୍ଷିତ ହେଉଥିବାବେଳେ ଆନନ୍ଦପୁର ପୌରପରିଷଦର ସମସ୍ୟା ଗୁରୁତର ପ୍ରସଙ୍ଗ ସାଜିଛି। ପୂର୍ବରୁ ଦଶରାପଦା ସାହି ବାସିନ୍ଦା ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ ଠାରେ ଲିଖିତ ଅଭିଯୋଗ କରି ଏହି ସମସ୍ୟାର ସମାଧାନ ପାଇଁ ନିବେଦନ କରିଥିଲେ। ପରେ ବାସିନ୍ଦାଙ୍କ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଖୋଲା ଚିଠି ଭାଇରାଲ ହେବା ଭଳି ଘଟଣା ଘଟିଥିଲା। ହେଲେ ସାହି ବାସିନ୍ଦାଙ୍କ ଦୁଃଖ କେବେ ଦୂର ହେବ ତାହା ଏବେ ପ୍ରଶ୍ନବାଚୀ ହୋଇରହିଛି। ପୌରପରିଷଦ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି କି ନାହିଁ ସେ ସମ୍ପର୍କରେ ସାହି ବାସିନ୍ଦାଙ୍କ ନିକଟରେ ସ୍ପଷ୍ଟ ସୂଚନା ନଥିବା ଜଣାପଡିଛି। ନିକଟରେ କିଛି ସରକାରୀ କର୍ମଚାରୀ ସାହି ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରି ଫେରିଥିବା ସାହି ବାସିନ୍ଦା ପ୍ରକାଶ କରିଥିବାବେଳେ ସୃଷ୍ଟି ହେଉଥିବା ଅସ୍ୱାସ୍ଥ୍ୟକର ପରିବେଶ ସେମାନଙ୍କ ପାଇଁ ମୁଖ୍ୟ ଚିନ୍ତାର ବିଷୟ ସାଜିଛି।

ଅମାନିଆ ହେଲେ ବ୍ୟାଙ୍କ କର୍ମଚାରୀ : ଆଂଚଳିକ କାର୍ଯ୍ୟାଳୟ ସମେତ ଜିଲ୍ଲାର ୫ ଏସବିଆଇ ଶାଖା ସିଲ୍, ଗ୍ରାହକ ହନ୍ତସନ୍ତ

କନ୍ଧମାଳ, ୧୮/୭ (ନି.ପ୍ର): ଜିଲ୍ଲା ପ୍ରଶାସନର ବାରମ୍ବାର ନିର୍ଦ୍ଦେଶ ସତ୍ତ୍ୱେ ଭାରତୀୟ ଷ୍ଟେଟବ୍ୟାଙ୍କର କିଛି ଅଧିକାରୀ ଓ କର୍ମଚାରୀ ନିର୍ଦ୍ଦେଶକୁ ଅବମାନନା କରି ଭୁବନେଶ୍ୱର, କଟକ, ବ୍ରହ୍ମପୁର ଭଳି ହଟସ୍ପଟ ଜାଗାକୁ ଯାଇ ସଂକ୍ରମିତ ହେବା ଯୋଗୁଁ ବ୍ୟାଙ୍କର ଆଂଚଳିତ କାର୍ଯ୍ୟାଳୟ ସମେତ ୫ଟି ଶାଖା ସିଲ୍ ହୋଇ ଯାଇଛି । ଏହି ୫ଟି ଶାଖା ହେଲା ଫୁଲବାଣୀ ମୁଖ୍ୟ , ବଜାର , ଦାରିଙ୍ଗିବାଡି, ଚକାପାଦ ଓ ଜି ଉଦୟଗିରି ଶାଖା । ମିଳିଥିବା ସୂଚନା ଅନୁଯାୟୀ ଏଲଡିଏମଙ୍କ ସମେତ ଚକାପାଦ, ଦାରିଙ୍ଗିବାଡି ଓ ଜି ଉଦୟଗିରି ଶାଖାର ଅଧିକାରୀମାନେ ଭୁନେଶ୍ୱରରେ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ତେଣୁ ଉପରୋକ୍ତ ୫ଟି ଶାଖାକୁ ୭ ଦିନ ପାଇଁ ବନ୍ଦ କରି ଦିଆଯାଇଛି । ଜିଲ୍ଲାର ପ୍ରାୟ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ସଂସ୍ଥା ସମେତ ଲକ୍ଷାଧିକ ଗ୍ରାହକଙ୍କ ଏହି ବ୍ୟାଙ୍କରେ ଆକାଉଂଟ ଥିବାରୁ ୭ ଦିନ ପର୍ଯ୍ୟନ୍ତ ଆଉ ଦେଣ ନେଣ କାର୍ଯ୍ୟ ହୋଇ ପାରିବ ନାହିଁ । ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି । ଏଠାରେ ସୂଚନାଯୋଗ୍ୟ ଯେ ଜିଲ୍ଲାପାଳ ଗତ ୮ ତାରିଖରେ ଜିଲ୍ଲାର ସମସ୍ତ ସରକାରୀ ବିଭାଗ, ବ୍ୟାଙ୍କ ଆଦିକୁ ଚିଠି କରି କୌଣସି ସରକାରୀ କର୍ମଚାରୀ ଜିଲ୍ଲା ବାହାରକୁ ବିନା ଅନୁମତିରେ ଯିବା ଉପରେ ପ୍ରତିବନ୍ଧକ ଲଗାଇଥିଲେ । ଯଦି କେହି ଏହାର ଅବମାନନା କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଚେତାବନୀ ଦେଇଥିଲେ । ତଥାପି ଅନେକ ବ୍ୟାଙ୍କ ଅଧିକାରୀ ଓ କର୍ମଚାରୀ ଏହି ନିର୍ଦ୍ଦେଶକୁ ଅବମାନନା କରି ଛୁଟି ଦିନ ମାନଙ୍କରେ ହଟସ୍ପଟ ଜାଗାକୁ ଯାଇ ଛୁଟି ସରିଲେ ଫେରୁଥିବା ଅଭିଯୋଗ ହେଇ ଆସୁଛି । ଯାହାର ଫଳ ସ୍ୱରୂପ ଆଜି ଜିଲ୍ଲାବାସୀ ବ୍ୟାଙ୍କ ସେବାରୁ ବଂଚିତ ହେବାକୁ ପଡିଛି ବୋଲି ସାଧାରଣରେ ସମାଲୋଚନା ହେଉଛି ।

ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୬ ତମ ଜୟନ୍ତୀ ଉପଲକ୍ଷେ ଗଭୀର ଶ୍ରଦ୍ଧାଞ୍ଜଳୀ

କେନ୍ଦ୍ରାପଡ଼ା, ୧୮/୭ (ନି.ପ୍ର): ଦୁଃଖିନୀ କନିକାର ରଚୟିତା ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ୧୩୬ତମ ଜୟନ୍ତୀ ଅବସରରେ ବିପ୍ଳବୀ ଆନନ୍ଦ ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ଆନନ୍ଦ ମାର୍ଗ ସ୍ଥିତ ସଂଗ୍ରାମୀ ଆନନ୍ଦ ଜେନାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି । ବଙ୍ଗଭଙ୍ଗ ଆନ୍ଦୋଳନରେ ସକ୍ରୀୟ ଅଂଶ ଗ୍ରହଣ କରି କାରାବରଣ କରିଥିବା, ମହାତ୍ମା ଗାନ୍ଧଜୀଙ୍କ ସାବରମତୀ ଆଶ୍ରମର ପ୍ରଥମ ଓଡିଆ ଛାତ୍ର, କନିକାର ପ୍ରଜାମାନଙ୍କ ଉପରେ ରାଜା ଚଳାଇଥିବା ନିର୍ଯ୍ୟାତନା ଓ ପ୍ରଜାଙ୍କ ଉପରେ ବସାଯାଇଥିବା ୬୪ ପ୍ରକାର କରକୁ ବିରୋଧ କରି ଦୁଃଖିନୀ କନିକା ନାମରେ ପୁସ୍ତକ ରଚନା କରି ସାରା ଭାରତବର୍ଷରେ ଆଲୋଡନ ସୃଷ୍ଟି କରିଥିବା ଏବଂ ଶେଷରେ କନିକା ରାଜାଙ୍କ ଦ୍ୱାରା ପ୍ରେରିତ ଲୋକଙ୍କ ଦ୍ୱାରା ଖାଦ୍ୟରେ ବିଷ ମିଶାଇ ହତ୍ୟା କରାଯାଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ କବି ଆନନ୍ଦ ଚନ୍ଦ୍ର ଜେନାଙ୍କ ପ୍ରତି ଆଜିର ୧୩୬ତମ ଜୟନ୍ତୀ ଅବସରରେ ଜିଲ୍ଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲ୍ଲା ଜଜ୍ ଏମ.ଆର ଦୋରା, ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ,ଉପ ଜିଲ୍ଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ, କମିଟି ଉପଦେଷ୍ଟା ଡଃ ବିରଜା ରାଉତରାୟ, ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ମକର ଚରଣ ଦାସ,ସ୍ୱାଧୀନତା ସଂଗ୍ରାମୀ ଉପସଭାପତି ଅନୀଲ ଚନ୍ଦ୍ର ଜେନା,ଡଃ ବାସୁଦେବ ଦାସ, ଶିକ୍ଷାବିତ ଅଜୟ ସାମଲ,ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସାମାଜିକ ଦୂରତା ରକ୍ଷା ପୂର୍ବକ ମାସ୍କ ପିନ୍ଧି ସଂଗ୍ରାମୀ ଜେନାଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମୀ ଦାୟାଦ ସଂଘର ସଭାପତି ବିଚିତ୍ରା ନନ୍ଦ ନାୟକ, ଶୁଭ୍ରାଶୁ କୁମାର ଦାଶ,ଆଶିଷ ସେନାପତି, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ଦାଶ, ସଂପାଦକ- ରମଣୀ ରଂଜନ ରାଉତରାୟ, ସଂଜୟ କୁମାର ଜେନା, ଧିରେନ୍ଦ୍ର କୁମାର ଦାଶ, ସତ୍ୟପ୍ରିୟ ଦାଶ, ନଗର ସଭାପତି ଯଯାତି କେଶାରୀ ମହାନ୍ତି, କମିଟିର ସହ ସଂପାଦକ ଶେଷଦେବ ଦାସ, ପ୍ରାର୍ଥସାରଥୀ ବେହେରା,ଉପେନ୍ଦ୍ର ବେହେରା, ସେକ ସୌକତ ଖାନ ପ୍ରମୁଖ ଯୋଗଦେଇ ବିପ୍ଳବୀଙ୍କ ପ୍ରତିମୂ ର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ଏହି ଅବସରରେ ଆନନ୍ଦ ମାର୍ଗ ସ୍ଥିତ ସଂଗ୍ରାମୀଙ୍କ ପ୍ରତିମୂର୍ତୀ ନିକଟରେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିଲା।

ସଂସ୍କୃତ ବିଦ୍ୟାଳୟ ତାଲା ଭଙ୍ଗା ଘଟଣାକୁ ନେଇ ଥାନାରେ ଏତଲା

ଆନନ୍ଦପୁର, ୧୮/୭ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅନ୍ତର୍ଗତ ଟୁକୁଣା ବି.ଏନ.ସଂସ୍କୃତ ବିଦ୍ୟାଳୟର ତାଲା ଭଙ୍ଗା ଘଟଣାକୁ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଅଭିଯୋଗର ତଦନ୍ତ କରି ଘସିପୁରା ପୋଲିସ ଜଣକୁ ଅଟକ ରଖି ପଚରାଉଚୁରା କରୁଥିବା ସୂଚନା ମିଳିଛି । ସୂଚନାଯୋଗ୍ୟ, ଗୁରୁବାର ସକାଳ ୮ ଟା ସମୟରେ ସଂସ୍କୃତ ବିଦ୍ୟାଳୟର ଶ୍ରେଣୀ ଓ ଅଫିସ ଗୃହର ମୁଖ୍ୟ ଫାଟକ ତାଲା ଭଙ୍ଗା ଯାଇଥିବା ଘଟଣା ବିଦ୍ୟାଳୟ କର୍ତୁପକ୍ଷଙ୍କ ନଜରକୁ ଆସିଥିଲା । ଏ ସମ୍ପର୍କରେ ବିଦ୍ୟାଳୟ କର୍ତୁପକ୍ଷ ଘସିପୁରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର କୌଣସି ଜିନିଷ ଚୋରୀ ହୋଇନଥିବା ଜଣାପଡିଛି । ଏହି ଘଟଣାରେ ଘସିପୁରା ପୋଲିସ ତଦନ୍ତ କରି ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି ।

ଜାତୀୟ ସ୍ତରରେ ପଂଚମ ସ୍ଥାନ ପାଇଲେ କେନ୍ଦ୍ରାପଡା ନବୋଦୟ ଛାତ୍ର

କେନ୍ଦ୍ରାପଡ଼ା, ୧୮/୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ବାରୁଅ ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟର ଛାତ୍ର ପ୍ରୟାସ କୁମାର ରାଉତ ୧୦ ଶ୍ରେଣୀ ସିବି ଏସି ପରୀକ୍ଷାରେ ୯୮.୨% ମାର୍କ ରଖି ବିଦ୍ୟାଳୟର ଟପର ହେବା ସହ ଜାତୀୟ ସ୍ତରରେ ପଂଚମ ସ୍ଥାନ ଅଧିକାର କରିଛନ୍ତି । ପ୍ରୟାସ ରାଜକନିକାର ପ୍ରମୋଦ କୁମାର ରାଉତଙ୍କ ପୁଅ ଅଟନ୍ତି । ତାଙ୍କର ଏହି କୃତିତ୍ୱ ପାଇଁ ବିଦ୍ୟାଳୟର ସମସ୍ତ ପରିବାର ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶ ଯୋଗ୍ୟ ଯେ, ଏହି ବିଦ୍ୟାଳୟର ୨୭ଜଣ ଛାତ୍ରଛାତ୍ରୀ ୯୦%ରୁ ଉର୍ଦ୍ଧ୍ୱ ମାର୍କ ରଖି ବିଦ୍ୟାଳୟର ସୁନାମ ଆଣିଛନ୍ତି । ସେହିପରି ସିବି ଏସି ଦ୍ୱାଦଶ ପରୀକ୍ଷାରେ ବିଦ୍ୟାଳୟର ଅନ୍ୟତମ ଛାତ୍ର ଜ୍ୟୋତି ପ୍ରକାଶ ମହାରାଜ ୯୭.୮% ନମ୍ବର ରଖି ବିଦ୍ୟାଳୟର ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି । ଏହି ବିଦ୍ୟାଳୟର ୧୨ଜଣ ଛାତ୍ରଛାତ୍ରୀ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ୯୦%ରୁ ଅଧିକ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଅଣିଥିବାରୁ ଅଧକ୍ଷ ସୁଧାଂଶୁ କୁମାର ଦାସ କୃତଜ୍ଞତା ଜଣାଇଛନ୍ତି ।

ରେଳ ଷ୍ଟେସନ ଓ ମେଡିକାଲରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା : ପଦକ୍ଷେପ ନେବାକୁ ମନ୍ତ୍ରୀଙ୍କ ଜିଲ୍ଲାପାଳ ଓ ରେଳ କର୍ତୃପକ୍ଷଙ୍କୁ ଚିଠି

ଭଦ୍ରକ, ୧୮/୭ (ହି.ସ.) - ଭଦ୍ରକ ମେଡିକାଲ ହେଉ କି ରେଳ ଷ୍ଟେସନ, କାଉ ରରୁ ଟିକେଟ ଟିଏ ସଂଗ୍ରହ କରିବା ସହିତ ସବୁ କ୍ଷେତ୍ରରେ ବରିଷ୍ଠ ନାଗରିକଙ୍କୁ ନାକେଦମ ହେବାକୁ ପଡୁଥିଲା । ଏ ନେଇ ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ରେଳ କର୍ତୃପକ୍ଷଙ୍କୁ ବାରମ୍ବାର ଆପତି କରିବା ସହ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଂଟର କରିବା ଏବଂ ଆନୁସଂଗିକ ସୁବିଧା ଯୋଗାଇବାକୁ ଅନୁରୋଧ କରିଆସୁଥିଲେ । ମାତ୍ର ଏହି ଅନୁରୋଧକୁ କେହି କର୍ଣ୍ଣପାତ ନ କରିବାରୁ ସଂଘ ବାଧ ହୋଇ ରାଜ୍ୟ ବିଜ୍ଞାନ ଓ କାରିଗରୀ ତଥା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ମନ୍ତ୍ରୀ ଅଶୋକ କୁମାର ପଣ୍ଡାଙ୍କୁ ଅଭିଯୋଗ କରିଥିଲେ । ମନ୍ତ୍ରୀ ଏହାକୁ ବିଚାର କରି ଭଦ୍ରକ ରେଳ ଷ୍ଟେସନରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ଟିକେଟ କାଉଂଟର, ସ୍ୱତନ୍ତ୍ର ବିଶ୍ରାମାଗାର ତଥା ଆନୁସଙ୍ଗିକ ସୁବିଧା ଯୋଗାଇବା ନିମନ୍ତେ ପଦକ୍ଷେପ ନେବାକୁ ଖୋର୍ଦ୍ଧରୋଡ ଡିଆର୍‌ଏମ୍‌ଙ୍କୁ ଚିଠି ଲେଖିଛନ୍ତି । ସେହିଭଳି ଭଦ୍ରକ ମେଡିକାଲରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଂଟର, ସ୍ୱତନ୍ତ୍ର ୱାର୍ଡ, ସେମାନଙ୍କ ସୁରକ୍ଷା ନିମି ବନ୍ଦୋବସ୍ତ କରିବାକୁ ମନ୍ତ୍ରୀ ଜିଲ୍ଲାପାଳ ଓ ଏସପିଙ୍କୁ ଚିଠି କରିଛନ୍ତି ବୋଲି ସଂଘର ସମ୍ପାଦକ କୈଳାସ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି। ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ବୈଠକରେ ଶ୍ରୀ ମହାପାତ୍ର ଏହି ସୂଚନା ଦେବା ସହିତ ସଂଘ କିପରି ଭାବେ ଆଗାମୀ ଦିନରେ ଜିଲ୍ଲାର ବରିଷ୍ଠ ନାଗରିକମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରି ପାରିବ ସେ ନେଇ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଏଥି ସହିତ ସଂଘର ସଦସ୍ୟ ସଦସ୍ୟାମାନେ ଆର୍ଥିକ ସହଯୋଗ ଯୋଗାଇଲେ ସହିଦ ଯବାନ ରିଲିଫ ପାଣ୍ଡିକୁ ଆର୍ଥିକ ସହାୟତା ଲାଗି କିଛି ଅର୍ଥ ଯୋଗାଇବା ସହିତ ଜିଲ୍ଲାରେ ଥିବା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କ ପାଇଁ ମଧ୍ୟ ସଂଘ ସହାୟତା ଯୋଗାଇବ ବୋଲି ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବକୁ ସମର୍ଥନ କରି ସଂଘର କାର୍ଯ୍ୟକାରିଣୀ ସଦସ୍ୟ ଶଶୀକାନ୍ତ ପାଢୀ ପ୍ରଥମ ସଦସ୍ୟ ଭାବେ ୧୦ ହଜାର ଟଙ୍କା ପ୍ରଦାନ କରିବା ସହ ତାଙ୍କର ଏହି ସହଯୋଗ ଅନ୍ୟ ସଦସ୍ୟଙ୍କୁ ଅର୍ଥ ପ୍ରଦାନ କରିବାରେ ପ୍ରେରଣା ଯୋଗାଇବ ବୋଲି କହିଥିଲେ। ଏଥିଲାଗି ସଦସ୍ୟମାନେ ସିଧାସଳଖ କିମ୍ବା ସ୍ଥାନୀୟ ୟୁକୋ ବ୍ୟାଙ୍କରେ ଥିବା ମହାସଂଘର ବ୍ୟାଙ୍କ ଆକାଉ କୁ ଟଙ୍କା ପଠାଇ ପାରିବେ ବୋଲି ସମ୍ପାଦକ ମହାପାତ୍ର କହିଥିଲେ। ଏହି ବୈଠକରେ ସଭାପତି ଲଲାଟେନ୍ଦୁ ମହାନ୍ତି ଅଧକ୍ଷତା କରିଥିବା ବେଳେ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଦେହୁରୀ ବରିଷ୍ଠ ନାଗରିକମାନେ ସଂପ୍ରତି ମହାମାରୀ କରୋନା ସମୟରେ ଘରୁ ନ ବାହାରିବା ଏବଂ ଅତି ଜରୁରୀ ସମୟରେ ବାହାରକୁ ବାହାରିଲେ ମାସ୍କ ନିଶ୍ଚିତ ବ୍ୟବହାର କରିବା ସହିତ ସାମାଜିକ ଦୂରତା ରକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ ରାୟ, ଶଚୀକାନ୍ତ ପଣ୍ଡା, ସହସମ୍ପାଦକ ବିଭୂତି ଭୂଷଣ ସେନାପତି, କୋଷାଧକ୍ଷ ବିଜୟ ସେନାପତି, କାର୍ଯ୍ୟକାରିଣୀ ସଭ୍ୟ ହରେକୃଷ୍ଣ ମହାକୁଡ, କୈଳାସ ଚନ୍ଦ୍ର ପଣ୍ଡା, ଗଦାଧର ପଣ୍ଡା, ମହେଶ ପ୍ରସାଦ ଦାସ, ଜଗବନ୍ଧୁ ମହାନ୍ତି, ନିହାର ଦାସ, ହରେକୃଷ୍ଣ ସାହୁ, ପ୍ରଶାନ୍ତ କୁମାର ଦେ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

ରେଳବାଇର ଘରୋଇକରଣ ପ୍ରତିବାଦରେ ଭଦ୍ରକ ରେଳଷ୍ଟେସନ ସମ୍ମୁଖରେ ସିଟୁର ବିକ୍ଷୋଭ

ଭଦ୍ରକ, ୧୮/୭ (ହି.ସ.) - ଆଜି ଭଦ୍ରକ ରେଳଷ୍ଟେସନ ସମ

ତ୍ରିଫଳାର ଉପକାରିତା

ହରିଡ଼ା ବାହାଡ଼ା ଓ ଅଁଳାର ଚୂର୍ଣ୍ଣରୁ ପ୍ରସ୍ତୁତ ତ୍ରିଫଳାକୁ ସାଧାରଣତଃ ଲୋକେ ପାଣି ସହ ସେବନ କରିଥାନ୍ତି। ଆୟୁର୍ବେଦ ଶାସ୍ତ୍ର ଅନୁସାରେ ନିୟମିତ ଏହି ଚୂର୍ଣ୍ଣକୁ ସେବନ କରିବା ଶରୀର ପାଇଁ ଉପକାରୀ ।

♦ଦୈନିକ ସକାଳୁ ୧ଗିଲାସ ନଖ ଉଷୁମ ପାଣି ସହ ୧ଚାମଚ ତ୍ରିଫଳା ଓ ଅଧ ଚାମଚ ମହୁ ମିଶାଇ ପିଇଲେ ମଧ୍ୟ ଓଜନ ନିୟନ୍ତ୍ରିତ ହୋଇଥାଏ ।

♦ରାତିରେ ଶୋଇବାର ୧ଘଣ୍ଟା ପୂର୍ବରୁ ନଖଉଷୁମ ୧ଗିଲାସ ଖିରରେ ତ୍ରିଫଳା ୧ଚାମଚ ମିଶାଇ ପିଇବା ଦ୍ୱାରା କବ୍ଜ ଦୂର ହେଉଥିବାର ପ୍ରକାଶ ।

♦ରାତିରେ ମାଟି ପାତ୍ରରେ ପାଣି ୨କପ୍ ଓ ଚାମଚ ତ୍ରିଫଳା ଭିଜାଇ ରଖନ୍ତୁ । ସକାଳୁ ଏହି ପାଣିକୁ ଛାଣିକରି ପିଇବା ଦ୍ୱାରା ଆଖିର ଜ୍ୟୋତି ବଢ଼େ ।

♦ତ୍ରିଫଳା ନିୟମିତ ଖାଉଥିବା ବ୍ୟକ୍ତିଙ୍କ ରୋଗପ୍ରତିରୋଧକ କ୍ଷମତା ଭଲ ବୋଲି ମଧ୍ୟ ଜଣାପଡ଼ିଛି ।

♦କେରଳର ଆୟୁର୍ବେଦ ଚିକିତ୍ସକଙ୍କ ମତରେ ତ୍ରିଫଳାକୁ ପାଣିରେ ମିଶାଇ ପିଇଲେ ମୁହଁରୁ ଦୁର୍ଗନ୍ଧ ଦୂର ହୋଇଥାଏ ।

♦ମଧୁମେହ ରୋଗୀ ନିୟମିତ ତ୍ରିଫଳା ଖାଇଲେ ସେମାନଙ୍କ ଶର୍କରା ନିୟନ୍ତ୍ରିତ ରହେ ।

♦ଅନେକବର୍ଷ ତଳେ ବଇଦମାନେ ଖଣ୍ଡିଆ ଖାବରାରେ ତ୍ରିଫଳାମିଶ୍ରିତ ପାଣି ବାରମ୍ବାର ଲଗାଇବା ଦ୍ୱାରା ତାହା ଶୀଘ୍ର ଶୁଖିଯାଉଥିବାର ଜଣାପଡ଼ିଛି ।

♦ତ୍ରିଫଳାରେ ଥିବା ଆଣ୍ଟି ଅକ୍ସିଡାଣ୍ଟର ପ୍ରଭାବ କେଶ ଉପରେ ପଡ଼େ । ନିୟମିତ ଏହାକୁ ଖାଇଲେ କେଶ ଝଡ଼ିବା ସମସ୍ୟା ଦୂର ହୋଇଥାଏ

♦ଦାନ୍ତକୁ ନିୟମିତ ତ୍ରିଫଳାଗୁଣ୍ଡରେ ସଫା କଲେ ଦାନ୍ତ ସଫା ହେବା ସହ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦୂର ହୁଏ ।

ତୁଳସୀ ଦେହକୁ ହିତ

ହିନ୍ଦୁ ସନାତନ ଧର୍ମରେ ତୁଳସୀଙ୍କୁ ମା ବୃନ୍ଦାବତୀ ଭାବରେ ବର୍ଣ୍ଣନା କରାଯାଇଛି । ସେ ସୁଖ, ସ୍ୱାସ୍ଥ୍ୟ, ସମ୍ପଦ ଓ ସମ୍ପନ୍ନତାର ଦେବୀ । ଘରେ ତାଙ୍କର ଉପସ୍ଥିତି ସଦା ମଙ୍ଗଳମୟ ଏବଂ ସେ ଶାନ୍ତିର ପ୍ରତୀକ । ସେହିପରି ଆୟୁର୍ବେଦରେ ତାଙ୍କର ଗୁଣ ଓ ମହତ୍ତ୍ୱ ବହୁଳ ବର୍ଣ୍ଣିତ । ତୁଳସୀ ଚେର, ଫୁଲ ଓ ପତ୍ରରେ ବହୁ ଔଷଧୀୟ ଗୁଣ ଭରି ରହିଛି । ଶରୀରର ପ୍ରାୟ ସବୁ ଉପସର୍ଗର ଉପଶମ ପାଇଁ ଏହା ସମର୍ଥ ।

ଗୁଣ ଓ ଫାଇଦା:- ବର୍ଷାଋତୁରେ ପ୍ରତିଦିନ ୫ଟି ତୁଳସୀପତ୍ର ଖାଲି ପେଟରେ ଖାଇଲେ ଜ୍ୱର ଓ ସର୍ଦ୍ଦିରୁ ଉପଶମ ମିଳେ ।

ଲେମ୍ବୁ ପାଣି ପିଉଥିଲେ....

ସାଧାରଣତଃ ଲେମ୍ବୁ, ପାଣି ପିଇବା ନିମନ୍ତେ ପରାମର୍ଶ ଦିଆଯାଏ । ହେଲେ ଏହି ପାନୀୟ ଅଧିକ ଥର ପିଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି ଗବେଷକଙ୍କ ମତ ।

■ ଅଲସର ରୋଗୀମାନେ ଲେମ୍ବୁ ପାଣି ନ ପିଇବା ଉଚିତ । ଲେମ୍ବୁରେ ମହଜୁଦ୍ ଅମ୍ଳ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ ।

■ଲେମ୍ବୁରେ ଥିବା ଅମ୍ଳ ତତ୍ତ୍ୱ କାରଣରୁ ଏହାକୁ ପିଇବା ପରେ ଦାନ୍ତର ଏନାମେଲ ଦୁର୍ବଳ ହୁଏ । ତେଣୁ ଲେମ୍ବୁ, ପାଣି ପିଇବାର ତୁରନ୍ତ ପରେ ଦାନ୍ତ ନ ଘଷିବା ଉଚିତ ବୋଲି ଗବେଷକଙ୍କ ମତ।

■ଦିନକୁ ଅତିବେଶୀରେ ୨ଥର ଲେମ୍ବୁ, ପାଣି ପିଇବା ଭଲ । ଅଧିକ ଥର ପିଇଲେ ତାହା ଶରୀରରେ କ୍ରିଷ୍ଟାଲ ଭାବରେ ଜମିଥାଏ । ଏହା ବୃକକ୍ ଓ ଯକୃତ ଉପରେ ପ୍ରଭାବ ପକାଇବାର ଆଶଙ୍କା ରହିଛି ।

■ଦାନ୍ତ ସମସ୍ୟା ରହୁଥିବା ବ୍ୟକ୍ତିମାନେ ଲେମ୍ବୁ ପାଣି ନ ପିଇବା ଉଚିତ ।

■ଅଧିକ ଥର ଲେମ୍ବୁ ପାଣି ପିଇଲେ ପାଚନ ପ୍ରକ୍ରିୟା ପ୍ରଭାବିତ ହେବାର ଆଶଙ୍କା ରହିଛି ବୋଲି ଗବେଷଣାରୁ ପ୍ରକାଶ ।

■ଲେମ୍ବୁ ପାଣି ବାରମ୍ବାର ପିଉଥିବା ଲୋକେ ଅଧିକ ଥର ପରିଶ୍ରା ଯାନ୍ତି ବୋଲି ଗବେଷକଙ୍କ ମତ ।

■ଅତ୍ୟଧିକ ଥଣ୍ଡା କିମ୍ବା ଅତ୍ୟଧିକ ଗରମ ଲେମ୍ବୁ, ପାଣି ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। କେବଳ ନଖଉଷୁମ ପାଣିରେ ଏହି ପାନୀୟ ପିଇବା ଉଚିତ ।

■ଷ୍ଟ୍ର ସହାୟତାରେ ଲେମ୍ବୁ, ପାଣି ପିଇଲେ ଏହାର ଅମ୍ଳ ତତ୍ତ୍ୱର ପ୍ରଭାବ ଦାନ୍ତ ଉପରେ ପଡ଼େ ନାହିଁ ।

■ହାର୍ଟ ବର୍ଣ୍ଣ, ଅମ୍ଳ ଆଦି ରୋଗରେ ଏହି ପାନୀୟ ନ ପିଇବା ଉଚିତ ।

■ଏହି ଗବେଷଣାରେ ୫ହଜାର ଲୋକେ ଅଂଶଗ୍ରହଣ କରିଥିଲେ । ଦିନକୁଚ ୨ଥର ଲେମ୍ବୁ, ପାଣି ପିଉଥିବା ଲୋକଙ୍କ ସ୍ୱାସ୍ଥ୍ୟ ବେଶ୍ ଉତ୍ତମ ଥିଲାବେଳେ ୪-୫ଥର ଲେମ୍ବୁ ପାନୀୟ ପିଉଥିବା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବାର ଦେଖାଯାଇଥିଲା ।

କୋକେନ୍ ନିଶା ଦୂର କରିବ ବ୍ୟାୟାମ

ସ୍ନାୟବିକ, ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ପରିବର୍ତ୍ତନ ପରିଲକ୍ଷିତ ହୋଇଛି । ୟୁବି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍ ଅନ ଆଡିକ୍ସନସ ଆଣ୍ଡ ଡିପାର୍ଟମେଣ୍ଟ ଅଫ୍ ଫାର୍ମାକୋଲୋଜି ଆଣ୍ଡ ଟକ୍ସିକୋଲେଜିର ବରିଷ୍ଠ ବୈଜ୍ଞାନିକ ଥାନୋସ ଏହି ଅଧ୍ୟନର ନେତୃତ୍ୱ ନେଇଥିଲେ । ବ୍ୟାୟାମ କିପରି ମସ୍ତିଷ୍କର ମେସୋଲିମ୍ବିକ୍ ଡୋପାମାଇନ ମାର୍ଗକୁ ପରିବର୍ତ୍ତନ କରିପାରେ, ଯାହା କୋକେନ ଭଳି ଔଷଧର ଗୁଣ ସହ ସଂଶ୍ଳିଷ୍ଟ ସଦ୍ୟ ଅଧ୍ୟନରେ ତାହା ଦର୍ଶାଯାଇଛି । ଏଥିସହ ବ୍ୟାୟାମ ଚାପ ହରମୋନକୁ ହ୍ରାସ କରିବା ସହିତ ମନ ଭଲ ରଖେ । ଉଦବେଗ ଓ ନକାରାତ୍ମକ ଭାବନା ଦୂରୀକରଣ ସହ ଏହାର ସମ୍ପର୍କ ରହିଥିବା ବିହେଭିଓରାଲ ବ୍ରେନ ରିସର୍ଚ୍ଚ ପତ୍ରିକାରେ ଅଧ୍ୟୟନଟି ପ୍ରକାଶ ପାଇଛି।



ଚିନ୍ତା, ମାନସିକ ଚାପ, ନକାରାତ୍ମକ ଭାବନା ଓ ଜୀବନ ପ୍ରତି ବିତୃଷ୍ଣା ଭାବ ଆଦି ଅନେକ କାରଣରୁ କିଛି ଲୋକେ କୋକେନ ନିଶାରେ ପଡ଼ିଯାଆନ୍ତି । କିନ୍ତୁ ନିୟମିତ ଏରୋବିକ୍ କରିବା ଦ୍ୱାରା ମାନସିକ ଚାପଜନିତ କୋକେନ ନିଶା ହ୍ରାସ ପାଏ । ଏ ନେଇ ପଶୁଙ୍କ ଉପରେ ଅଧ୍ୟନ କରାଯାଇଛି । ଚାପଜନିତ ବ୍ୟବହାରିକ ଓ ମାନସିକ ପ୍ରତିକ୍ରିୟାରେ ମଧ୍ୟ ବ୍ୟାୟାମ ପରିବର୍ତ୍ତନ ଆଣେ । କୋକେନ ନିଶାରେ କବଳିତ ବ୍ୟକ୍ତିଙ୍କଠାରେ ଚାପଜନିତ

ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ । ସପ୍ତାହର ଅଧିକାଂଶ

ଦିନ ୬୦ ମିନିଟରୁ ଅଧିକ ସମୟ ଶୋଉଥିବା ଲୋକେ ମଧୁମେହ ଆକ୍ରାନ୍ତ ହେଉଥିବାର ଗବେଷକମାନେ ପ୍ରକାଶ କରିଛନ୍ତି। କୌଣସି ଦିନ ଅଧିକ ପରିଶ୍ରମ ପଡ଼ିଲେ, ତେବେ ଅତିବେଶୀରେ ୩୦ରୁ ୪୦ ମିନଟ୍ ଶୋଇବା ଏତେଟା କ୍ଷତିକାରକ ନୁହେଁ । ୬୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକେ ନିୟମିତ ଦ୍ୱିପହରରେ ଶୋଉଥିଲେ ସେମାନଙ୍କୁ ମଧୁମେହ ଆକ୍ରାନ୍ତ ହେବାର ଆଶଙ୍କା ସବୁଠୁ ଅଧିକ ।

ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।

ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।

ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।



ପେନଲେସ୍ ଇଞ୍ଜେକସନ୍ ଛୁଞ୍ଚି

ଇଞ୍ଜେକସନକୁ ନେଇ ଏକ ସାଧାରଣ ଭୟ ରହିଛି । ଏଥିରୁ ମୁକ୍ତି ପାଇବା ଲାଗି ଗୁଜରାଟର ବିଭି ପଟେଲ ଫାର୍ମାସ୍ୟୁଟିକାଲ ଏଜୁକେସନ ଆଣ୍ଡ ରିସର୍ଚ୍ଚ ଡେଭଲପମେଣ୍ଟର ବୈଜ୍ଞାନିକମାନେ ଏକ ସୂକ୍ଷ୍ମ ଛୁଞ୍ଚି ବିକାଶ କରିଛନ୍ତି । ଏହା ଯନ୍ତ୍ରଣାଦାୟକ ନୁହେଁ, କିନ୍ତୁ ପାରମ୍ପରିକ ଇୟେଜକସନ ଭଳି କାମ କରିବ । ବୈଜ୍ଞାନିକମାନେ ଏକ ପଟି ପ୍ରସ୍ତୁତ କରିଛନ୍ତି, ଯାହା ଛୋଟ ବ୍ୟର୍ଡେଜ ଭଳି ଦେଖାଯାଉଛି । ଏଥିରେ ଏକାଧିକ ସୂକ୍ଷ୍ମ ଛୁଞ୍ଚି ରହିଛି, ଯାହା ଖାଲି ଆଖିକୁ ଦେଖାଯିବ ନାହିଁ । କିନ୍ତୁ ସଫଳତାପୂର୍ବକ ଚର୍ମ ଭିତରେ ରକ୍ତ ବାହିକାରେ ଔଷଧ ପହଞ୍ଚାଇବାରେ ଏହା ସକ୍ଷମ । ଔଷଧ ପ୍ରଦାନ ପରେ ୧୦ମିନିଟ୍ ମଧ୍ୟରେ ଏହା ଆପଣାଛାଏଁ ନଷ୍ଟ ହୋଇଯିବ । ଏହି ପ୍ରୋଜେକ୍ଟର ମୁଖ୍ୟ ଗବେଷକ ଡ. ଭିରାଲ ଶାହ କହନ୍ତି, ବର୍ତ୍ତମାନ ବ୍ୟବହୃତ ଏକାଧିକ ସୂକ୍ଷ୍ମଛୁଞ୍ଚି ଧାତୁନିର୍ମିତ । କିନ୍ତୁ ଆମେ ପଲିମର ଆଧାରିତ ଔଷଧ ପ୍ରଦାନକାରୀ ପଦ୍ଧତି ବିକାଶ କରିଛୁ, ଯାହା କିଛି ମିନିଟ୍ ମଧ୍ୟରେ ଆପଣାଛାଏଁ ନଷ୍ଟ ହୋଇଯିବ । ପାରମ୍ପରିକ ଛୁଞ୍ଚି ଭଳି ଜୀବାଣୁ ନାଶ ପ୍ରକ୍ରିୟା କିମ୍ବା ପୁନଃ ବ୍ୟବହାର ସମ୍ପର୍କିତ ବିପଦ ଏଥିରେ ନାହିଁ । ଛୋଟ ପିଲା ବା ବୟସ୍କଙ୍କ ନିୟମିତ ଚିକିତ୍ସା, ମଧୁମେହ, କର୍କଟ ଓ ଟିକାକରଣ ଆଦି କ୍ଷେତ୍ରରେ ଏହି ଉଦ୍ଭାବନ ନବଦିଗନ୍ତ ପ୍ରମାଣିତ ହୋଇପାରିବ ବୋଲି ସେ କହନ୍ତି । ପନ୍ରଜନନ ମାମଲାରେ ପଶୁ ଶରୀରରେ ଏହି ସୂକ୍ଷ୍ମ ପଟି ସାହାଯ୍ୟରେ ସଫଳତା ପୂର୍ବକ ରକ୍ତ ବାହିକାରେ ଇଞ୍ଜେକସନ ପ୍ରଦାନ କରାଯାଇଛି । ଖୁବ୍‌ଶୀଘ୍ର ମଣିଷ ଉପରେ ଏହାର ପ୍ରୟୋଗ ହେବ ।



ମର୍ସେଲ ସ୍ପର୍କ

ବାହାରକୁ ବଣଭୋଜି କରିବା ଲାଗି ଗଲେ କିମ୍ବା ବୁଲାବୁଲି କରିବାକୁ ଯାଇଥିଲେ ଏକାଧିକ ଜିନିଷ ବୋହିନେବା କଷ୍ଟକର ଲାଗେ । ଏପରି ସ୍ଥିତିକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ଭାବେ ଏକ ଚାମଚ ତିଆରି କରାଯାଇଛି ଯାହା ଉଭୟ ଚାମଚ, କଣ୍ଟାଚାମଚ ଏବଂ ରୋଷେଇ ପାଇଁ କରଚୁଲି ଭାବେ

ବ୍ୟବହାର କରାଯାଇପାରିବ । ୧୦.୫ ଇଞ୍ଚ ଲମ୍ବା ଏହି ଉପକରଣଟି ନମନୀୟ ରବରରେ ତିଆରି ତେବେ ଏହାକୁ ଡିସ୍‌ୱାଶର ଏବଂ ଫୁଟାପାଣିରେ ବି ପକାଇ ସଫା କରିପାରିବେ । ଏହା ବିପିଏ ମୁକ୍ତ ପ୍ଲାଷ୍ଟିକରେ ତିଆରି ହୋଇଥିବାରୁ ସ୍ୱାସ୍ଥ୍ୟ ପାଇଁ ବି କ୍ଷତିକାରକ ହୋଇନଥାଏ ।

ଦୁଇମୁଣ୍ଡିଆ କଇଁଛ

ଦକ୍ଷିଣ କାରୋଲିନାର ସମୁଦ୍ରକୂଳରେ ମିଳିଛି ଏକ ବିରଳ ଦୁଇ ମୁଣ୍ଡିଆ କଇଁଛ । କଇଁଛଙ୍କ ସୁରକ୍ଷା ଲାଗି କାର୍ଯ୍ୟରତ କିଛି ସ୍ୱେଚ୍ଛାସେବୀ ଏହି ଛୋଟ କଇଁଛ ଆବିଷ୍କାର କରିଛନ୍ତି । ସେମାନେ ଏହି ବାଇସଫାଲିକ୍ କଇଁଛର ନାଁ ଦେଇଛନ୍ତି ସ୍କୁଇର୍ଟ ଆଣ୍ଡ କ୍ରଶ୍ । ସଦ୍ୟ ଅଣ୍ଡାରୁ ବାହାରିଥିବା କଇଁଛଟିକୁ ସ୍ୱେଚ୍ଛାସେବୀମାନେ ପୁଣି ଥରେ ସମୁଦ୍ର ଭିତରକୁ ଛାଡ଼ିଛନ୍ତି । ଏଇଟି ଭଲରେ ଚାଲିପାରୁନଥିଲା ଏବଂ ତା' ପିଠି ଖୋଳପା ବିକୃତ ଦିଶୁଥିଲା । ସରିସୃପଙ୍କ ମଧ୍ୟରେ ଏହି ବୈଶିଷ୍ଟ୍ୟ ସାଧାରଣ ଭାବେ ପରିଲକ୍ଷିତ ହେଲେ ମଧ୍ୟ ଦୁଇ ମୁଣ୍ଡିଆ ଜନ୍ତୁ ବିରଳ । ଅଧିକାଂଶ ଦୁଇମୁଣ୍ଡିବିଶିଷ୍ଟ କଇଁଛ ଓ ସଦାପ ନଜରକୁ ଆସନ୍ତି । ଆଉ କିଛି ଜନ୍ତୁ ଯଥା- ବିଲେଇ, ଗାଈ ଓ ଛେଳି ମଧ୍ୟ ଦୁଇ ମୁଣ୍ଡ ସହ ଜନ୍ମ ହୋଇଥାନ୍ତି । ଏହି କଇଁଛ ଆବିଷ୍କାର କରିଥିବା ଜୟମି ଡେଭିଡସନ ଲୋପକୋ ୧୫ ବର୍ଷ ମଧ୍ୟରେ ଦ୍ୱିତୀୟ ଥର ଦୁଇ ମୁଣ୍ଡିଆ କଇଁଛ ଛୁଆ ଆବିଷ୍କାର କରିଥିବା କହିଛନ୍ତି ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ନିରପେକ୍ଷତା...

ବର୍ତ୍ତମାନର ସମୟରେ ଇଣ୍ଟରନେଟର ଅପରିହାର୍ଯ୍ୟତାକୁ କ୍ୱଚିତ୍ ଅସ୍ୱୀକାର କରିହେବ। କମ୍ପ୍ୟୁଟର ଏବଂ ଇଣ୍ଟରନେଟ୍ ଆଜିକାଲି ବ୍ୟସ୍ତବହୁଳ ସମାଜରେ ସ୍ଥାନର ଦୂରତାକୁ କମାଇବା ସହିତ ସମୟ ଓ ଅର୍ଥର ସଂଚୟ କରିବାରେ ସହାୟକ ହେଉଛି। ଏଇଥିପାଇଁ ତ ଆଜିକା ସମୟରେ କିଛି ବ୍ୟକ୍ତି ବିନା ଇଣ୍ଟରନେଟରେ ଅନେକ କାର୍ଯ୍ୟ କ୍ୱଚିତ୍ ସମ୍ପାଦନ କରିବା ସମ୍ଭବପର ବୋଲି ବିଚାର କରନ୍ତି। ପୁଣି ଭାରତ ଡିଜିଟାଲ ଇଣ୍ଡିଆର ସ୍ୱପ୍ନକୁ ସାକାର କରିବା ପଥରେ ପଥିକ ହୋଇଥିବା ବେଳେ ଇଣ୍ଟରନେଟର ବ୍ୟବହାର ଉପରେ ଯେକୌଣସି ପ୍ରକାରର କଟକଣା ଜାରି କରିବା ବା ସେ ପ୍ରକାରର କିଛି ଅସୁବିଧା ସୃଷ୍ଟି କରିବା ଅକଳ୍ପନୀୟ ଓ ପ୍ରତିବନ୍ଧକ ସୃଷ୍ଟିକାରୀ କହିବା ଅସମୀଚୀନ ହେବନାହିଁ। ସେ ଯାହାହେଉ, ବିଗତ କିଛିମାସ ଧରି ନେଟ୍ ନିରପେକ୍ଷତା ବା ନ୍ୟୁଟ୍ରାଲିଟିକୁ ନେଇ ଚାଲି ଆସିଥିବା ବିତର୍କର ଆପାତତଃ ଏକ ପରିସମାପ୍ତି ଘଟିଛି - ଭାରତ ଏଥିପାଇଁ ଆବଶ୍ୟକ ସାରା ବିଶ୍ୱରେ ସବୁଠୁ ବଳିଷ୍ଠ ବୋଲି ବିଶେଷଜ୍ଞମାନେ କହୁଥିବା ସୁପାରିସଗୁଡ଼ିକୁ ଗ୍ରହଣ କରିନେବା ପରେ। ଏହା ନିଶ୍ଚିତ ଭାବରେ ଭାରତୀୟମାନଙ୍କ ପାଇଁ ଏକ ସୁଖବର, କାରଣ ଗୋଟିଏ ପଟେ ଆମେରିକା ଅବାଧ ଇଣ୍ଟରନେଟରେ ଏକ ଶକ୍ତିଶାଳୀ ସ୍ତମ୍ଭକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବାବେଳେ ଭାରତ ସ୍ତମ ନିର୍ମାଣ କରିବାରେ ବ୍ୟସ୍ତ ରହିଥିଲା। ନେଟ୍ ନିରପେକ୍ଷତାର ଅର୍ଥ ହେଉଛି, ଇଣ୍ଟରନେଟ ସେବା ପ୍ରଦାନକାରୀମାନେ ଇଣ୍ଟରନେଟ ଜରିଆରେ କଣ୍ଟେଣ୍ଟ ବା ବିଷୟବସ୍ତୁକୁ ହାସଲ କରିବା ନିମନ୍ତେ ଆବଶ୍ୟକ ବେଗର ହ୍ରାସ କରି ହେଉ କି ବିଭିନ୍ନ ପ୍ରକାରର ମୂଲ୍ୟ ଧାର୍ଯ୍ୟ କରି। ନେଟ୍ ନିରପେକ୍ଷତା ହାସଲ କରିବା ପରେ ଇଣ୍ଟରନେଟ୍ ସେବା ବସ୍ତୁତଃ ସରକାରୀ ରାସ୍ତାଭଳି ଏଭ ସରକାରୀ ଦ୍ରବ୍ୟ/ସେବାରେ ପରିଣତ ହୋଇଯାଇଛି ଏବଂ ଏଥିରେ ବିଶେଷ ଓ ସାଧାରଣ ସେବା ମଧ୍ୟରେ କିଛି ପାର୍ଥକ୍ୟ ରହିବ ନାହିଁ। ଟେନ୍ ନିରପେକ୍ଷତା ସପକ୍ଷରେ ଅନେକ ଯୁକ୍ତି ରହିଛି। ପ୍ରଥମତଃ ନିରପେକ୍ଷତା ବଜାୟ ରଖାଗଲେ ଇଣ୍ଟରନେଟ ସେବା ସମସ୍ତ କଣ୍ଟେଣ୍ଟ୍ ଡେଭଲପର ବା ବିଷୟବସ୍ତୁ ପ୍ରସ୍ତୁତକାରୀ ଏବଂ ନେଟୱାର୍କ ଉପରେ ନିର୍ଭର କରୁଥିବା କମ୍ପାନୀମାନଙ୍କ ପାଇଁ ସମାନ ବେଗ ଓ ମୂଲ୍ୟରେ ଉପଲବ୍ଧ ହେବ। ପୁଣି ସ୍ୱଷ୍ଟ ଶବ୍ଦରେ କୁହାଗଲେ ବି ଏହା ଜଣେ ବ୍ୟକ୍ତିଙ୍କର ଭାବ ପ୍ରକାଶ କରିବାପାଇଁ ଏକ ପ୍ରମୁଖ ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ। ଏତଦ୍‌ବ୍ୟତୀତ ଏହା ଜନସାଧାରଣଙ୍କ ମଧ୍ୟରେ ବିଶେଷକରି ଯୁବ ବର୍ଗଙ୍କ ମଧ୍ୟରେ ଉଦ୍ୟୋଗୀ ମନୋବୃତ୍ତି ସୃଷ୍ଟି କରିବାରେ ସହାୟକ ହେବା ସହିତ ବାଣିଜ୍ୟ ବ୍ୟବସାୟ ନିମନ୍ତେ ଅପରିହାର୍ଯ୍ୟ ନୂଆ ନୂଆ କୌଶଳ ଉଦ୍ଭାବନ କରିବାରେ ସାହାଯ୍ୟ କରିଥାଏ। ଅପରପକ୍ଷରେ ଏହା ବିରୋଧରେ ଖୁବ୍ କମ୍ ଯୁକ୍ତି ରହିଥିବାବେଳେ ସେଗୁଡ଼ିକ ସେତେ ବଳିଷ୍ଠ ନୁହେଁ। ଯେମିତିକି-ଏହା କମ୍ପାନୀମାନଙ୍କୁ ଫୁଜିନିବେଶ କରିବାରୁ ନିରୁତ୍ସାହିତ କରେ; ନବ ଉଦ୍ଭାବନ କ୍ଷମତାକୁ ପ୍ରତିରୋଧ କରେ। ତେବେ ଏଗୁଡ଼ିକ ସବୁ କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଯୁକ୍ତରାଷ୍ଟ୍ର ଆମେରିକାରେ ଅନେକେ ଏସବୁ ଯୁକ୍ତି ସପକ୍ଷରେ ଥିଲେ। ତେଣୁ ସମଗ୍ର ବିଶ୍ୱରେ ଏହାକୁ ବିରୋଧ କରାଗଲେ ବିଗତ ମାସରେ ଆମେରିକା ନେଟ୍ ନିରପେକ୍ଷତାକୁ ହଟାଇ ଦେଲା, ଏମିତିକି ନିଜ ଦେଶ ଭିତରେ ମଧ୍ୟ। କିନ୍ତୁ ଭାରତ ଆମେରିକୀୟ ନୀତିର ସମ୍ପୂର୍ଣ୍ଣ ବିପରୀତ କାର୍ଯ୍ୟ କରିଛି ଯେଉଁ ନୀତିକୁ ପ୍ରସ୍ତୁତ କରିଛନ୍ତି ଭାରତୀୟ- ଆମେରିକୀୟ ଅଜିତ୍ ପାଇ। ଭାରତ ଯେଉଁସବୁ ନୀତିକୁ ଅନୁମୋଦନ ଦେଇଛି, ସେଥିରେ କେତେକ ସେବାର ଇଣ୍ଟରନେଟ୍‌କରଣ ଏବଂ କେତେକ ତଥାକଥିତ 'ବିଶେଷ ଧରଣର ସେବା' ପାଇଁ ବ୍ୟତିକ୍ରମ ରଖାଯାଇଛି। ଖୁବ୍‌ଶୀଘ୍ର ଭାରତୀୟ ଟେଲିକମ୍ ନିୟନ୍ତ୍ରକ ଏବଂ ଟେଲିକମ୍ୟୁନିକେସନସ ବିଭାଗ ଏହିସବୁ ନିୟମାବଳୀଗୁଡ଼ିକର ନିର୍ଦ୍ଦିଷ୍ଟ ଭାବରେ ସଂଜ୍ଞା ନିରୂପଣ କରିବ। ଭାରତ ନେଟ୍ ନିରପେକ୍ଷତାକୁ ଗ୍ରହଣ କରିନେବା ଦ୍ୱାରା ବର୍ତ୍ତମାନ ସ୍ୱଷ୍ଟ ହୋଇ ଯାଇଛି ଯେ ଭାରତୀୟ ଇଣ୍ଟରନେଟ୍ ସେବା ପ୍ରଦାନକାରୀମାନେ ଏଣିକି ଏହାର ନିୟମାବଳୀଗୁଡ଼ିକୁ ମାନି ଚଳିବେ। ସେବା ପ୍ରଦାନକାରୀମାନଙ୍କ ନୂଆ ଲାଇସେନ୍ସ ଚୁକ୍ତିନାମାହେର ମଧ୍ୟ ଏହାକୁ ଅନ୍ତର୍ଭୁକ୍ତ କରାଯିବ। ତେବେ ସେମାନେ ନିରପେକ୍ଷତା ଅବଲମ୍ବନ କରୁଛନ୍ତି ବୋଲି ସରକାରଙ୍କୁ କେମିତି ଦର୍ଶାଇବେ, ତାହା ଏଯାବତ୍ ସ୍ୱଷ୍ଟ ହୋଇନାହିଁ। ଏସବୁ ସତ୍ତ୍ୱେ ଅବାଧ ଓ ନିରପେକ୍ଷ ଇଣ୍ଟରନେଟ୍ ସେବା ଯୋଗାଇ ଦେବାପାଇଁ ଭାରତର ପ୍ରତିବଦ୍ଧତା ଦେଶର ପ୍ରଗତିର ସୂଚକ। ଉଲ୍ଲେଖଯୋଗ୍ୟ ଯେ ଭାରତ ସରକାରଙ୍କୁ ଏଥିପାଇଁ ଅନୁପ୍ରେରିତ କରିବା ପଛରେ ସିଭିଲ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ସରକାରଙ୍କୁ କେବଳ ଅନ୍ୟର କଥାକୁ ଗ୍ରହଣ କରି କାର୍ଯ୍ୟ ନିୟନ୍ତ୍ରଣକାରୀ ସରକାର ହେବା ଅପେକ୍ଷା ପ୍ରଗତିମୂଳକ ନୀତି ପ୍ରଣୟନ କରିବାର ଭୂମିକାରେ ଅବତୀର୍ଣ୍ଣ କରାଇଛି। ଅନ୍ୟାନ୍ୟ ଅନେକ କ୍ଷେତ୍ରରେ ଉଭୟ ବିଷୟବସ୍ତୁ ବା କଣ୍ଟେଣ୍ଟ୍ ଏବଂ ପ୍ରକ୍ରିୟାଗତ ଦୃଷ୍ଟିରୁ ଦେଶର ସରକାର ଏହିଭଳି ପ୍ରଗତିଶୀଳ ନୀତି ସବୁ ନିର୍ଦ୍ଧାରଣ କରିବାର ଆବଶ୍ୟକତା ରହିଛି।

ତମେ ବର୍ଷା

ବିପିନ ବିହାରୀ ମହାନ୍ତି

ଅନ୍ତସତ୍ତା ଆକାଶର
ବିଜୁଳି କନ୍ୟା ତମେ
ମେଘ ପାହାଡରୁ ଝରିଆସ
ଯାଚକର ମନ ଜାଣି।
ଆଉ ମାଟିର ବାସ୍ନାକୁ
ବଦଳାଇ ଦିଅ ଭିନ୍ନନାମେ: ବର୍ଷା
ବର୍ଷା ତମେ।

ଏଇତ, ତମରି ପରଶେ
ଗ୍ରୀଷ୍ମେ କ୍ଳାନ୍ତା ପ୍ରକୃତିରେ ଏବେ
ଜୀବନ ସଂଚାର:
ନଈର ପାଦରେ ଗୀତ
ମୟୂର ଡେଣାରେ ନୃତ୍ୟ
ବିଲ-ବଣ-ଗିରି ଓ ପ୍ରାନ୍ତର
ସବୁଜେ ମଣ୍ଡିତ

ଟାଙ୍ଗରୁ ବହୁଛି ଝର
ସର୍ବତ୍ର ବିରାଜୁଛି ଦେଖ
ତୁମ ଯୋଗୁଁ ଅପରୂପ ଶୋଭାର ଭଣ୍ଡାର
ବାଟଭିଡ; ଘାଟରେ ବହର।

ବସିଛି ପ୍ରକୃତି ହାଟ
ମେଲିଛି ଉଦର ନାଟ
ଲିଲିଗୁମ୍ଫା, ଭାଲୁମାସ୍କା...
ପାହାଡ କାନ୍ଥରେ ଦେଖ
ଆଦିବାସୀ ଖୋଜୁଛି ତା' ପେଟ
ଆମ ଗାଁ ମଶାଣିଆ
ଜମିରୁ ଶୁଭୁଛି: ଇନ୍ଦ୍ରନୀଳମଣି
ଗୃହରେ ଶୋଇଛି;
ଗୋରୀ ସୁନାଗୋରୀ ସୀତା
ମେଘ କାନ୍ଦୁଦିଆ ଘରେ ଲୋସଂଗାତ
ବିଜୁଳି କେତେ ଶୋଭିତା'ର
ଚଷାପୁଅ ଗୀତ।
ତୁମେ ଶିଶୁର ଗାଁ ଦାଣ୍ଡ ନାଆ
ତୁମେ ବୟସର ବର୍ଷା ମିଥୁନ୍
ତୁମେ କାହାକୁ ଚନ୍ଦନତ,
କାହାପାଇଁ ଦୁଃଖର ଲେପନ।

ବର୍ଷା, ସର୍ଜନାରେ ତୁମେ ଅନୁପମା: ଧନ୍ୟା
ସଂହାରାରେ ତୁମେ ଭୀମ ରୂପା: ବନ୍ୟା
ତୁମ ବହୁଳେ ନାଶକୁ ଧରଣୀ
ତୁମ ବିହୁନେ ନଚଳେ କରଣୀ
ତୁମେ ବୈଚିତ୍ର୍ୟେ ବିଚିତ୍ରା: ଅନନ୍ୟା
ତମେ ବର୍ଷା।

ବିକାଶ ନଗର, ଜଟଣୀ, ଖୋର୍ଦ୍ଧା

ଭାରତ ଓ ଚୀନ ସୈନିକ ମାନଙ୍କ ମଧ୍ୟରେ ମନୋବିଜ୍ଞାନରେ ପ୍ରଭେଦ

ପ୍ରଜ୍ଞା ପଟ୍ଟନାୟକ

ଭାରତ ଓ ଚୀନ ମଧ୍ୟରେ ବାସ୍ତବିକ ନିୟନ୍ତ୍ରଣ ରେଖାରେ ବିବାଦ ଏବେ ଚରମ ସୀମାରେ ପହଂଚିଛି । ଗଲୱାନ ଉପତ୍ୟକାରେ ଉଭୟ ସେନା ମଧ୍ୟରେ ଘଟିଥିବା ସଂଘର୍ଷରେ ୨୦ ଜଣ ଭାରତୀୟ ବୀର ଜବାନ ବଳିଦାନ ଦେଇଥିବା ବେଳେ ଚୀନରେ ଆହୁରି ଅଧିକ କ୍ଷତି ହୋଇଥିବା ଅନୁମାନ କରାଯାଉଛି, ହେଲେ ଚୀନରେ କମ୍ୟୁନିଷ୍ଟ ଶାସନ ହୋଇଥିବାରୁ ସେମାନେ ତଥ୍ୟକୁ ଲୁଚାଉଛନ୍ତି । ଉଭୟ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉତ୍ପନ୍ନ ହୋଇଥିବା ବେଳେ ଦିନକୁ ଦିନ ଏପରି କିଛି ତଥାକଥିତ ଯୁଦ୍ଧ ରଣନୀତି ବିଶେଷଜ୍ଞ ମାନଙ୍କର ଲେଖା ସମ୍ବାଦପତ୍ରରେ ଦେଖିବାକୁ ମିଳୁଛି ଯେଉଁଥିରେ ସେମାନେ ସୈନ୍ୟବାହିନୀର ସଂଖ୍ୟା ଓ ଯୁଦ୍ଧାସ୍ତ୍ର ବିଷୟରେ ଉଲ୍ଲେଖ କରି ଚୀନ ଭାରତ ଠାରୁ ଖୁବ ଅଧିକ ଭଲ ସ୍ଥିତିରେ ଅଛି ବୋଲି ଦର୍ଶାଇବାକୁ ଚେଷ୍ଟା କରୁଛନ୍ତି । କିଛି ଟେଲିଭିଜନ ଚ୍ୟାନେଲରେ ସେମାନେ ଏହି ତଥ୍ୟକୁ କହି ଭାରତରୁ ଦୁର୍ବଳ ବୋଲି କହିବା ସହ ଭାରତୀୟ ମାନଙ୍କୁ ହତୋତ୍ସାହିତ କରିବାକୁ ଚେଷ୍ଟା କରିବାକୁ ଦେଖିବାକୁ ମିଳୁଛି । ବାସ୍ତବରେ ଦେଖିବାକୁ ଗଲେ ଚୀନ ତାର ଶତ୍ରୁ ରାଷ୍ଟ୍ରରେ ସାମ୍ବାଦିକ, ଆଙ୍କର ଓ ତଥାକଥିତ ଯୁଦ୍ଧ ରଣନୀତି ବିଶେଷଜ୍ଞ ମାନଙ୍କ ଉପରେ ପ୍ରବଳ ଧନରାଶି ଖର୍ଚ କରିଥାଏ । ଏମାନଙ୍କ ଜରିଆରେ ସେ ସଂପୃକ୍ତ ଦେଶର ସାଧାରଣ ଲୋକ ଓ ରାଜନୈତିକ ନେତୃତ୍ୱ ମନରେ ଆଶଙ୍କା, ଭୟ ଓ ଭ୍ରମ ଉତ୍ପନ୍ନ କରି ଥାଏ । ଆମେରିକା, ବ୍ରିଟେନ ପରି ଦେଶ ମାନଙ୍କରେ ଚୀନ ଏଇଥି ପାଇଁ ବିପୁଳ ରାଶି ଖର୍ଚ କରିଥିବା ପ୍ରମାଣ ମିଳି ସାରିଛି ।ସ୍ୱାଭବିକ ଭାବେ ଚୀନ ତାର ଏହି ରଣନୀତି ଭାରତରେ ମଧ୍ୟ ଲାଗୁ କରିଛି । ତେଣୁ ଏହି ତଥାକଥିତ ଯୁଦ୍ଧ ରଣନୀତି ବିଶେଷଜ୍ଞ ମାନେ ଭାରତୀୟ ମାନଙ୍କୁ ମନୋବୈଜ୍ଞାନିକ ଭାବେ ଦୁର୍ବଳ କରିବା ଚେଷ୍ଟାରେ ଲାଗିଛନ୍ତି ।

ଗଣତନ୍ତ୍ରର କଣ୍ଠରୋଧ କରିଥିବା କମ୍ୟୁନିଷ୍ଟ ଦେଶ ଚୀନର ମୁଖପତ୍ର ଗ୍ଲୋବାଲ ଟାଇମସ ସର୍ବଦା ନିଜ ଦେଶ ଚୀନ ର ସେନାକୁ ସବୁଠାରୁ ଶକ୍ତିଶାଳୀ ବୋଲି ଦର୍ଶାଇ ଥାଏ। ତେବେ କାଗଜ କଲମ ରେ ସଂଖ୍ୟା ଅଧିକ ହେଲେ ମଧ୍ୟ ପ୍ରକୃତରେ ଚୀନର ସେନା କେତେ ସମର୍ଥ ତାହା ସଭିଙ୍କୁ ଜଣା। ଗ୍ଲୋବାଲ ଫାୟାର ଆର୍ମସର ତଥ୍ୟ ଅନୁଯାୟୀ ଭାରତ ପାଖରେ ସକ୍ରିୟ ଜବାନଙ୍କ ସଂଖ୍ୟା ୧୪ ଲକ୍ଷ ହୋଇଥିବା ବେଳେ ଚୀନ ର ଏହି ସଂଖ୍ୟା ୨୨ ଲକ୍ଷ। ତେବେ ଭାରତ ପାଖରେ ଅଛନ୍ତି ୨୧ ଲକ୍ଷ ରିଜର୍ଭ ଜବାନ ଏବଂ ଚୀନ ପାଖରେ ୫ ଲକ୍ଷ। ତେବେ ସମୁଦାୟ ସୈନିକ ସଂଖ୍ୟା ଦେଖିଲେ ଭାରତ ପାଖରେ ୩୪ ଲକ୍ଷ ସୈନିକ ଥିବା ବେଳେ ଚୀନ ପାଖରେ ୨୭ ଲକ୍ଷ ସୈନିକ ଅଛନ୍ତି । ତେଣୁ ଏକପ୍ରକାର କହିବାକୁ ଗଲେ ଭାରତ ପଦାତିକ ସେନାରେ ସବୁଠାରୁ ଶକ୍ତିଶାଳୀ।

ଭାରତ ପାଖରେ ୪୨୯୨ଟି ଯୁଦ୍ଧ ଟ୍ୟାଙ୍କ ଥିବା ବେଳେ ଚୀନ ପାଖରେ ରହିଛି ୩୪୦୦ ଟି ଟ୍ୟାଙ୍କ। ସେହିପରି ଆର୍ମଡ ଫାଇଟିଂ ଭେହିକଲ ସଂଖ୍ୟା ଭାରତରେ ୮୬୮୬ ହୋଇଥିବା ବେଳେ ଚୀନ ପାଖରେ ଅଛି ୩୩,୦୦୦। ତେବେ ଲଦାଖ ଅଂଚଳ ପାହାଡିଆ ହୋଇଥିବାରୁ ସେଠାକୁ ଟ୍ୟାଙ୍କ ନେବା ସହଜ ନୁହେଁ। ଏବଂ ସାଧାରଣତଃ ଏହି ଅଂଚଳରେ ସେନାକୁ ହିଁ ଲଢ଼ିବାକୁ ହେବ। ତେବେ ରକେଟ ଲଂଚର ଙ୍କ ସଂଖ୍ୟାକୁ ନେଇ ଭାରତ ଅସୁବିଧାରେ ପଡିପାରେ ବୋଲି ତର୍କ ଦିଆ ଯାଉଛି। କାରଣ ଭାରତ ପାଖରେ ୨୬୬ ଟି ରକେଟ ଲଂଚର ଥିବା ବେଳେ ଚୀନ ପାଖରେ ଅଛି ୨୬୫୦ଟି । ପାହାଡିଆ ଅଂଚଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ବାୟୁସେନାର ହୋଇଥାଏ । ଏବଂ ଉଭୟ ଭାରତ ଓ ଚୀନର ସାମର୍ଥ୍ୟ ଏହି କ୍ଷେତ୍ରରେ ପାଖାପାଖି ସମାନ। ଭାରତ ପାଖରେ ସମୁଦାୟ ୨୧୪୧ଟି ଏୟାର କ୍ରାଫ୍ଟ ଥିବା ବେଳେ ଚୀନ ପାଖରେ ଅଛି ୩୪୪୪ଟି। ଭାରତ ପାଖରେ ଥିବା ଆପାଚ ହେଲିକପ୍ଟର ପୂର୍ବରୁ ଯୁଦ୍ଧ କୁ ସାମ୍ନା କରିଥିବା ବେଳେ ଚୀନ ର ହେଲିକପ୍ଟର କୌଣସି ଯୁଦ୍ଧ ସାମ୍ନା କରି ନାହିଁ। ଭାରତ ପାଖରେ ଅଛି ସବୁଠାରୁ ବଡ଼ ଟ୍ରାନପୋର୍ଟ ଏୟାରକ୍ରାଫ୍ଟ ଗ୍ଲୋବ ମାଷ୍ଟର।

ଭାରତର ମିରାଜ ୨୦୦ ଏବଂ ସୁଖଇ ୩୦ ସବୁ ପରିସ୍ଥିତିରେ ଲଢ଼ିବାର କ୍ଷମତା ରଖିଥିବା ବେଳେ ଚୀନ ର ଜେଡ-୧୦ ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରିପାରିବ ନାହିଁ। ତେବେ ଚୀନ ର ନୌସେନାରେ କିନ୍ତୁ ଭାରତ ତୁଳନାରେ ଅଧିକ ଅସ୍ତ୍ରଶସ୍ତ୍ର ଅଛି। କିନ୍ତୁ ଚୀନ ର ୫୦ ପ୍ରତିଶତ ନୌସେନା ସାଉଥ ଚାଇନା ସି ରେ ରହିଥିବା ବେଳେ ସାଉଥ ଚାଇନା ସିରେ ଆମେରିକାର ଉପସ୍ଥିତି ହେତୁ କୌଣସି ପରିସ୍ଥିତିରେ ଏହାକୁ ଛାଡି ଆସିପାରିବେ ନାହିଁ ଚୀନ । ଚୀନ ନିଜର ବୋଲି କହୁଥିବା ସାଉଥ ଚାଇନା ସି ରେ ଭାରତୀୟମାନେ ୧,୫୦୦ ବର୍ଷରୁ ଅଧିକ ସମୟ ଧରି ଏହି ଜଳପଥକୁ କୁ ଯାତ୍ରା ଓ ମାଲେସିଆର କେଦା ଠାରୁ ଚାଇନାର କ୍ୱାନଜୋ ପର୍ଯ୍ୟନ୍ତ ବାଣିଜ୍ୟ ବ୍ୟବସାୟ ନିମନ୍ତେ କ୍ରମାଗତ ବ୍ୟବହାର କରୁଥିବାର ଐତିହାସିକ ଏବଂ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଅଛି ।

ଚୀନ ସର୍ବଦା ନିଜ ମୁଁହରେ ନିଜ ପ୍ରଶଂସା କରିଛି, ନିଜକୁ ଶକ୍ତିଶାଳୀ ଦର୍ଶାଇ ବିପକ୍ଷକୁ ମାନସିକ ସ୍ତରରେ ହାନି ପହଂଚାଇବାର ଅପଚେଷ୍ଟା କରିଛି । ତେବେ ଭାରତୀୟ ଅଫିସର ଚୀନ ତୁଳନାରେ ଅଧିକ ଭଲଭାବେ ଲଦାଖର ପାଣିପାଗ ଓ ପାହାଡିଆ ଅଂଚଳକୁ ବୁଝୁ ଥିବା ବେଳେ ଚୀନ ଅଫିସରଙ୍କ ପାଖରେ ଏହି ଅଭିଜ୍ଞତାର ଅଭାବ ରହିଛି ।

ଏ ସବୁ ତ ହେଉଛି ଭାରତ ଓ ଚୀନର ସେନା, ଯୁଦ୍ଧାସ୍ତ୍ରର ତଥ୍ୟ ଓ ସଂଖ୍ୟା । ହେଲେ ଯୁଦ୍ଧ କେବଳ ସେନାର ସଂଖ୍ୟା ଓ ଯୁଦ୍ଧାସ୍ତ୍ର ଓ ଯୁଦ୍ଧର ଉପକରଣର ସଂଖ୍ୟାରେ ଲଢା ହୁଏ ନାହିଁ । ବିଜୟ ଲାଭ କରିବା ପାଇଁ ଯୁଦ୍ଧରେ ଲଢୁଥିବା ସୈନିକ ମାନଙ୍କର ମନୋବଳ, ସେମାନଙ୍କର ମନୋସ୍ଥିତି ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ଏଠାରେ ଗୁରୁ ନାନକ ଦେବଙ୍କର ଉକ୍ତିଟି ମନେ ପଡେ ,' ମନ କା ହାରା ହାରେ ହେ, ମନ କେ ଜୀତେ ଜିତ । ଅର୍ଥାତ କୌଣସି ଯୁଦ୍ଧର ଯୁଦ୍ଧ ଭୂମିରେ ପରେ ବିଜୟ ହାସଲ କରାଯାଏ ,ପ୍ରଥମେ ନିଜ ମନରେ ବିଜୟ ହାସଲ କରିବା ଜରୁରୀ । ଯେଉଁ ସୈନିକ ମାନେ ମନରୁ ପରାଜିତ ସେମାନେ କେବେ ହେଲେ ଯୁଦ୍ଧ ଭୂମିରେ ବିଜୟ ହାସଲ କରି ପାରିବେ ନାହିଁ ।

ଚୀନ ଏହାର ଶେଷ ଯୁଦ୍ଧ ୧୯୭୯ରେ ଭିଏତ ନାମ ସହ ଲଢ଼ିଥିଲା ଏବଂ ଏଥିରେ ଚୀନ କୁ ଅଧିକ କ୍ଷତି ହୋଇଥିଲା। ଅପରପକ୍ଷରେ ଭାରତ ୧୯୯୯ରେ ଲଢ଼ିଛି ସବୁଠାରୁ କଷ୍ଟସାଧ କାରଗିଲ ଯୁଦ୍ଧ ।

ଏହା ସତ୍ୟ ଯେ ଭାରତୀୟ ସେନାରେ ଅନେକ ଅଫିସର ପଦବୀ ଖାଲି ଅଛି କିନ୍ତୁ କେବଳ ପଦବୀ ଭରିବା ପାଇଁ ଶାଗ ମାଛ ଭଳି ଅଫିସର ଚୟନ କରେ ନାହିଁ ' ଇଣ୍ଡିଆନ ଆର୍ମି ' ଯାହାକି ସ୍ୱଷ୍ଟ କରୁଛି ଯେ ଇଣ୍ଡିଆନ ଆର୍ମି ସାଂଖ୍ୟକ ପରିମାଣ ନୁହେଁ ବରଂ ସର୍ବଦା ଗୁଣବତାକୁ ଗୁରୁତ୍ୱ ଦେଇଛି । ତଥାପି କିଛି ଭାରତ ବିରୋଧୀ ବୁଦ୍ଧିଜୀବୀ ଅଛନ୍ତି ଯେଉଁମାନେ ସେନାର ପାରିବା ପଣିଆ ଉପରେ ଅନେକ ଥର ପ୍ରଶ୍ନ ଉଠାଇଛନ୍ତି । ସେନାର କ୍ଷମତା ଓ ସାହସ ଉପରେ ପ୍ରଶ୍ନ ଉଠାଇବା ପୂର୍ବରୁ ଥରେ ଇତିହାସର ପୃଷ୍ଠା ଓଲଟାଇ ଦେଖନ୍ତୁ । ଭାରତୀୟ ବୀରଙ୍କ ବୀରତ୍ୱର ଅମର ଗାଥା ସ୍ୱର୍ଣାକ୍ଷରରେ ଲିପିବଦ୍ଧ ହୋଇଛି । ପାହାଡର ଶିଖରେ ଉପରେ ବସିଥିବା ଶତ୍ରୁର ପ୍ରରୋଚନାକୁ ଧୂଳିସାତ କରିବାକୁ ସକ୍ଷମ ହୋଇଥିଲା ସେନା । ଯଦି କେବେ ଭାରତର କ୍ଷମତା ଉପରେ ସନ୍ଦେହ ହୁଏ ତେବେ ଥରେ କ୍ୟାପଟେନ ବିକ୍ରମ ବାତ୍ରା , ମେଜର ସୌରଭ କାଳିଆ, ସୁବେଦାର ମେଜର ଯୋଗେନ୍ଦ୍ର ସିଂ ଯାଦବ ଙ୍କ ପରି ଅନେକ କାର୍ଗିଲ ଯୋଦ୍ଧାଙ୍କ ବୀରତ୍ୱକୁ ମନେ ପକାଇବେ ।

କେବଳ କାର୍ଗିଲ ଯୁଦ୍ଧ ନୁହେଁ ପୂର୍ବରୁ ଅନେକ ପ୍ରମାଣ ରହିଛି ଭାରତୀୟ ଇତିହାସରେ । ସଂଖ୍ୟାରେ କମ ହୋଇ ଯୁଦ୍ଧ ଶତ୍ରୁକୁ ନିଜ ମନୋବଳ ଦ୍ୱାରା ଧୂଳି ଚଟାଇଛନ୍ତି ଭାରତୀୟ । ସେଥି ପାଇଁ ବୋଧ ହୁଏ ଗୁରୁ ଗୋବିନ୍ଦ ସିଂ କହିଥିଲେ "ଚିଡିୟୋଁ ସେ ମୈଁ ବାଜ ଲଡାଉଁ, ଗିଦଡୋଁ କେ ମୈଁ ଶେର ବନାଉଁ, ସବା ଲାଖ ସେ ଏକ ଲଡାଉଁ, ତଭି ଗୋବିନ୍ଦ ସିଂହ କହାଉଁ "। ଅର୍ଥାତ ଗୋଟିଏ ସାଧାରଣ ପକ୍ଷୀରେ ମୁଁ ଆତ୍ମବିଶ୍ୱାସରେ ଭରି ଦେଇ ତାକୁ ବାଜ ପକ୍ଷୀ ସହ ଲଢାଇ ପାରିବି, ତେବେ ଯାଇ ମୁଁ ଗୋବିନ୍ଦ ସିଂହ ବୋଲି ନିଜକୁ ବୋଲାଇବି । ଭାରତୀୟ ସେନାର ଜବାନ ମାନେ ଗୁରୁ ଗୋବିନ୍ଦ ସିଂହଙ୍କ ପରମ୍ପରାରୁ ଆତ୍ମବିଶ୍ୱାସ ପ୍ରାପ୍ତ କରନ୍ତି । ତାଙ୍କର ମନୋବଳ ଅନ୍ୟ ଦେଶର ସୈନିକ ମାନଙ୍କର ମନୋବଳ ଠାରୁ ଢେର ଅଧିକ । ୧୯୬୭ ମସିହାରେ ନାଥୁଲା ଠାରେ ଚୀନ ଦ୍ୱାରା କରାଯାଇଥିବା ଆକ୍ରମଣ ବେଳେ ଭାରତୀୟ ଜବାନ ମାନେ ଏହାର ଉଦାହରଣ ପ୍ରସ୍ତୁତ କରି ସାରିଛନ୍ତି, ଚୀନର ସେନା ଏହାକୁ ଭଲ ଭାବେ ଜାଣେ । ଅପର ପକ୍ଷରେ ଚୀନର ସୈନିକ ମାନେ ମନୋବୈଜ୍ଞାନିକ ଦୃଷ୍ଟିରୁ ଭାରତୀୟ ଜବାନମାନଙ୍କ ଠାରୁ ଦୁର୍ବଳ ଅଛନ୍ତି । ସେମାନଙ୍କର ନିକଟରେ ମନୋବଳର ଅଭାବ ରହିଛି ଏହା ସୁସ୍ପଷ୍ଟ । ଯୁଦ୍ଧ କୌଣସି ସମସ୍ୟାର ସମାଧାନ ନୁହେଁ କିନ୍ତୁ ମନ୍ଦଚିନ୍ତା ନେଇ ଶତ୍ରୁ ଆସି ଘର କବାଟ ଠକ ଠକ କଲେ ତାକୁ ଆଲିଂଗନ କରି ଘରକୁ ମଧ୍ୟ ସ୍ୱାଗତ କରାଯାଏ ନାହିଁ । ଯୁଦ୍ଧ ନ ହେଉ ଏହା ସମସ୍ତେ ଚାହାନ୍ତି ଏବଂ ଶାନ୍ତି ପାଇଁ ସମସ୍ତ ପ୍ରୟାସ କରୁଛି ଭାରତ ।

ଗୁରୁ

ତ୍ୱଚାର ଯତ୍ନ ନେବେ କିପରି ?

ବର୍ଷା ଋତୁରେ ତ୍ୱଚାର ଅଧିକ ଯତ୍ନ ନେବା ଉଚିତ । କାରଣ ସଂକ୍ରମଣ ଭୟ ମଧ୍ୟ ରହିଛି । ତ୍ୱଚା ଅନୁସାରେ ଆପଣ ନିଜର ଯତ୍ନ ନେଇପାରିବେ । ଯେପରି ସାମାନ୍ୟ ତ୍ୱଚା ହୋଇଥିଲେ-

■କଦଳୀରେ ମହୁକୁ ଭଲଭାବେ ମିଶାଇ ତାହାକୁ ପ୍ୟାକ ଭଳି ତ୍ୱଚାରେ ଲଗାନ୍ତୁ । ଏଇ ପ୍ୟାକକୁ ହାତ ଗୋଡ଼ ପାଦରେ ମଧ୍ୟ ଲଗାଇପାରିବେ । ୧୫-୨୦ ମିନିଟ୍ ପରେ ନଖ ଉଷୁମ ପାଣିରେ ତ୍ୱଚା ଧୋଇନେବେ ।

■ବାଦାମ, ଅଖରୋଟ ଓ ପେସ୍ତାବାଦାମକୁ ସମ ପରିମାଣରେ ଗୁଣ୍ଡ କରି ଖିରରେ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇ ଶୁଖିବା ପରେ ଧୋଇନିଅନ୍ତୁ । ଏହା ଏକ ଉତ୍ତମ ସ୍କ୍ରବ୍ ଭଳି କାମ କରିବା ସହ ରଙ୍ଗ ସଫା ମଧ୍ୟ କରିଥାଏ ।

■ଅମୃତଭଣ୍ଡା ଓ ଚନ୍ଦନ ପାଉଡରକୁ ମିଶାଇ ଏକ ପ୍ୟାକ୍ ପ୍ରସ୍ତୁତ କରନ୍ତୁ । ତାହାକୁ ତ୍ୱଚାରେ ଲଗାଇ ୩୦ ମିନିଟ୍ ପରେ ଧୋଇବେ । ଏହା ତ୍ୱଚାରୁ ମୃତ କୋଷିକା ବାହାର କରିବା ସହ କୋମଳ କରେ ।

■ତୈଳୀୟ ତ୍ୱଚା ହୋଇଥିଲେ, ଭିନ୍ନ ଭାବେ ଯତ୍ନ ନିଅନ୍ତୁ । ଘରୋଇ ଭାବେ ପ୍ୟାକ୍ ପ୍ରସ୍ତୁତ କରି ତାହାକୁ ପୂରା ଶରୀରରେ ଲଗାଇ ପାରିବେ । ପେସ୍ତାବାଦାମକୁ ରାତିରୁ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ତାହାକୁ ବାଟି ସେଥିରେ ଅଳ୍ପ କଞ୍ଚା ଖିର ମିଶାଇ ପ୍ୟାକ୍ ଭଳି ଲଗାନ୍ତୁ । ୨୦ମିନିଟ୍ ପରେ ତ୍ୱଚାକୁ ଧୋଇନେବେ । ନିୟମିତ ଏଇ ପ୍ୟାକ୍ ଲଗାଇଲେ ତ୍ୱଚାରେ ଏକ ଚମକ ଆସିଥାଏ ।

■କାଜୁକୁ ଭଲଭାବେ ଗୁଣ୍ଡ କରି ସେଥିରେ କମଳା ରସ ମିଶାଇ ପ୍ୟାକ୍ ଭଳି ତ୍ୱଚାରେ ଲଗାଇବେ । ଦୈନିକ ଏଇ ପ୍ୟାକ୍ ଲଗାଇବା ଦ୍ୱାରା ରଙ୍ଗ ସଫା ହେବା ସହ ବ୍ରଣ ହୋଇନଥାଏ । ଶୁଷ୍କ ତ୍ୱଚାର ଯତ୍ନ ନେଲେ ତ୍ୱଚାର ଚମକ ଶୀଘ୍ର ଦୂର ହୋଇଯାଏ । ଏଣୁ ନିୟମିତ ଭାବେ ଏଇ ଉପାୟ ମଧ୍ୟ ଅବଲମ୍ବନ କରନ୍ତୁ ।

■ଟମାଟୋ ଓ ମହୁକୁ ସମ ପରିମାଣରେ ନେଇ ମୁହଁ, ବେକରେ ଲଗାଇ ୧୫ମିନିଟ ପରେ ଧୋଇନିଅନ୍ତୁ । ଏହାଦ୍ୱାରା ମୃତ କୋଷିକା ଦୂର ହେବା ସହ ରଙ୍ଗ ସଫା ହୋଇଥାଏ ।

■କଦଳୀକୁ ଭଲଭାବେ ଚକଟି ସେଥିରେ ନଖ ଉଷୁମ ଖିର ମିଶାଇ ତ୍ୱଚା ଓ ପୂରା ଶରୀରରେ ଲଗାଇପାରିବେ । ୩୦ମିନିଟ୍ ତ୍ୱଚା ନିମନ୍ତେ ଏକ ଉତ୍ତମ ପ୍ୟାକ୍ ।

ଗୃହିଣୀଙ୍କ ନିମନ୍ତେ ଟିପ୍ସ

ସକାଳ ପହରରୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଗୃହିଣୀଙ୍କୁ ଘରର ବିଭିନ୍ନ ଦାୟିତ୍ୱ ତୁଲାଇବାକୁ ପଡ଼ିଥାଏ । ଏସବୁ ଭିତରେ ସେମାନେ ନିଜ ପ୍ରତି ଧ୍ୟାନ ଦେବାକୁ ସମୟ ପାଆନ୍ତିନାହିଁ । ବର୍ତ୍ତମାନ ସମୟରେ ଅଧିକାଂଶ ଗୃହିଣୀଙ୍କ ମୁଖ୍ୟ ସମସ୍ୟା ହେଲା ଓଜନ ବଢ଼ିବା ସମସ୍ୟା । ଏଥିରୁ ମୁକୁଳିବାର ସହଜ ଘରୋଇ ଉପଚାର ମାନ ହେଲା-

○ଦିନର ଆରମ୍ଭ ଫଳ ଖାଇ କରନ୍ତୁ । କଦଳୀ, ସେଓ ଅବା ଡାଳିମ୍ବ ଏସବୁ ଫଳ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ଶୀଘ୍ର ଥକ୍କା ଲାଗିନଥାଏ ।

○ନିଜ ପାଇଁ ଯେପରି ହେଲେ ପ୍ରତିଦିନ ୩୦ମିନିଟ୍‌ରୁ୧ଘଣ୍ଟା ସମୟ ବାହାର କରନ୍ତୁ । ଏଇ ସମୟରେ ଧ୍ୟାନ, ଯୋଗ କିମ୍ବା ପ୍ରାଣାୟମ ନଚେତ ପାଖରେ ଥିବା ପାର୍କରେ ଚଲାବୁଲା କରନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କୁ ଫୂର୍ତ୍ତି ଲାଗିବ ।

○ତେଲ- ଛଣାଛଣି ଖାଇବାର ଅଭ୍ୟାସଠାରୁ ଦୂରେଇବା ସହ

ପନିପରିବା ଖାଇବା ଉପରେ ଅଧିକ ଗୁରୁତ୍ୱ ଦେବା ଉଚିତ ।

○ମାସକୁ ଥରୁଟିଏ ଅନ୍ତତଃ ପାର୍ଲର ଯାଇ ଫେସିଆଲ କରାନ୍ତୁ ।

○ଖାଦ୍ୟ ପାନୀୟରେ ନିଜେ ସତର୍କ ହେବା ସହ ପରିବାରର ଅନ୍ୟ ସଦସ୍ୟଙ୍କୁ ମଧ୍ୟ ସତର୍କ କରାଇବା ହି ଆପଣଙ୍କର ମୁଖ୍ୟ କର୍ତ୍ତବ୍ୟ । ଓଜନ କମ କରିବାକୁ ଚାହୁଁଥିଲେ ପ୍ରଥମେ ଚିନି ଖାଇବା ବନ୍ଦ କରନ୍ତୁ । ଏହା ପରିବର୍ତ୍ତେ ଗୁଡ଼, ମହୁ ଇତ୍ୟାଦିର ଉପଯୋଗ କରିପାରିବେ ।

○ଦ୍ୱିପହର ଭୋଜନ ଅବା ରାତ୍ରି ଭୋଜନରେ ସାଲାଡ ନିୟମିତ ଭାବେ ଖାଇବା ସ୍ୱାସ୍ଥ୍ୟ ପାଇଁ ଉପକାରୀ । ଏପରି କଲେ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରିତ ହୋଇଥାଏ ।

ଓଜନ କମ କରିବାର ଉପାୟ

ସୁସ୍ଥ ଶରୀର ନିମନ୍ତେ ସଠିକ୍ ଓଜନ ରହିବା ନିତାନ୍ତ ଜରୁରୀ । ଓଜନକୁ ନିୟନ୍ତ୍ରଣରେ ରଖିବା ପାଇଁ କିଛି ଘରୋଇ ଉପଚାର:-

ଅଧିକାଂଶ ଭାରତୀୟ ଖାଦ୍ୟରେ ଧନିଆ ପତ୍ର ବ୍ୟବହୃତ ହୁଏ । ଏହି ପତ୍ରକୁ ବାଟି ଏକ ଗିଲାସ ଉଷୁମ ପାଣିରେ ମିଶାଇ ପିଅନ୍ତୁ। ୩ଦିନ ପିଇବା ପରେ ଜଣେ ବ୍ୟକ୍ତି ଫରକ୍ ଜାଣିପାରିବ । ୧ମାସ ପିଇଲେ ଜଣେ ବ୍ୟକ୍ତିର ଓଜନ କମ ହୁଏ ।

ସକାଳୁ ତୁଳସୀ ପତ୍ର ଚା ନଚେତ ୫ରୁ ୧୦ଟି ତୁଳସୀ ପତ୍ରକୁ ଚୋବାଇ ଖାଆନ୍ତୁ । ନିୟମିତ ଏହାକୁ ଖାଇଲେ ଓଜନ ନିୟନ୍ତ୍ରଣାଧୀନ ହୋଇଥାଏ । ନଚେତ ତୁଳସୀପତ୍ର ଫୁଟାପାଣି ଦିନକୁ ୪ରୁ୫ ଗିଲାସ ପିଅନ୍ତୁ ।

ଓଜନ କମ ନିମନ୍ତେ ପୋଦିନା ପତ୍ର ମଧ୍ୟ ବେଶ୍ ସହାୟକ । କାକୁଡ଼ି ରସ ସହ ପୋଦିନା ରସ ମିଶାଇ ପିଇଲେ ଓଜନ ନିୟନ୍ତ୍ରିତ ହୁଏ । ଭୁର୍ସୁଙ୍ଗ ପତ୍ରକୁ ଛେଚି ଏହାକୁ ଚୋବାଇ ଖାଇଲେ ମଧ୍ୟ ଉପକାର ମିଳେ । ନଚେତ ଏହାକୁ ମଧ୍ୟ ପାଣିରେ ଫୁଟାଇ ପିଇହେବ ।

ଲେମ୍ବୁ ପାଣି ମୋଟା ଲୋକଙ୍କ ପାଇଁ ସବୁଠୁ ଉତ୍ତମ ପାନୀୟ । ଏହା ଶରୀର ପାଇଁ ଭଲ ହେବା ସହ ଓଜନକୁ ଶୀଘ୍ର କମାଏ । ଲେମ୍ବୁ, ରସକୁ ଉଷୁମ ପାଣିରେ ମିଶାଇ ପିଇଲେ ତାହା ତୁରନ୍ତ କାର୍ଯ୍ୟକାରୀ ହୋଇଥାଏ ।

ବଲ୍ ପଛରେ କୁକୁର ଯାଏ କାହିଁକି ?

ପୋଷା କୁକୁର ସହିତ ବଲ ଖେଳିବା ବେଳେ ସେ ପ୍ରାୟତଃ ଖୁବ୍ ଉତ୍ସାହରେ ବଲ ପଛରେ ଧାଇଁଥାଏ ଏବଂ ଏହାକୁ ପାଟିରେ ଧରି ଆଣି ମାଲିକଙ୍କ ହାତକୁ ବଢ଼ାଇଦିଏ । ଯେତେଥର ବଲ ଫିଙ୍ଗିଲେ ବି ସେ ଚଟାପଟ ଦୌଡ଼ିଯାଇ ଏହାକୁ ଧରିଆଣେ । କୁକୁରର ଏପରି ବ୍ୟବହାର ପାଇଁ କାରଣ ଆବିଷ୍କାର କରାଯାଇ ପାରିନାହିଁ । ତେବେ କୁକୁର ବ୍ୟବହାର ସମ୍ପର୍କରେ ଗବେଷଣା କରୁଥିବା ବୈଜ୍ଞାନିକମାନେ ଜଣାଇଛନ୍ତି ଯେ ଏହା ପଛରେ ତା'ର ଶିକାର କରିବା ପ୍ରବୃତ୍ତି ପ୍ରମୁଖ କାରଣ ହୋଇପାରେ । କୁକୁର ପ୍ରଜାତିର ବିକାଶ ସମୟରେ ଏମାନେ ନିଜ ଶିକାରକୁ ଧରି ରହିବା ଜାଗାକୁ ନେଇ ଆସୁଥିଲେ । ତେଣୁ ବଲ ପଛରେ ଧାଇଁବା ପ୍ରବୃତ୍ତି ଏବକାର କୁକୁର ନିଜ ପୂର୍ବଜଙ୍କଠାରୁ ଆଣିଥାଇପାରନ୍ତି । ସେ ଶିକାର ଧରିଆଣିବା ପରି ବଲକୁ ଆଣି ମାଲିକଙ୍କୁ ଦେଇଥାଏ । ତେବେ ନରୱେର ଗବେଷକମାନେ ଜଣାଇଛନ୍ତି ଯେ ଏହି ସ୍ୱଭାବ ପାଇଁ ଆଡ୍ରେନାଲିନ ହରମୋନ ଦାୟୀ ହୋଇଥାଏ । ଏହି ଖେଳରେ କୁକୁର ଶିକାର କରିବା ପରି ଉତ୍ସାହିତ ହୋଇଥାଏ । ଉତ୍ସାହ କାରଣରୁ ସେମାନଙ୍କ ଶରୀରରେ ହରମୋନ ଅଧିକ କ୍ଷରଣ ହୁଏ ଏବଂ ଏହା ପ୍ରଭାବରେ କୁକୁର ବାରମ୍ବାର ସେହି କାର୍ଯ୍ୟ କରେ ।

ବୟସ୍କଙ୍କ ପାଇଁ କାମ

ବୟସ୍କ ଲୋକଙ୍କ ସମୟ ସହଜରେ ଅତିବାହିତ ହେଉନାହିଁ । ନିଜ ମନୋରଞ୍ଜନ କରିବା ପାଇଁ ବରଂ ଭିନ୍ନ ଉପାୟ ଭାବିବା ଦରକାର । କେବଳ ବସି ରହିଲେ ସେମାନଙ୍କ ମୁଣ୍ଡରେ ଚିନ୍ତା ପଶିବା ସହ ରୋଗ ମଧ୍ୟ ଅଧିକ ଦୁର୍ବଳ କରିଦିଏ । ବ୍ରିଟେନ ଗବେଷକଗଣ ନିକଟରେ ବୟସ୍କମାନଙ୍କୁ ଏକ ଉପଦେଶ ଦେଇଛନ୍ତି । ତଦନୁଯାୟୀ ପଦକ୍ଷେପ ନେଲେ ସେମାନଙ୍କ ଜୀବନର ଗତି ପଥ ବଦଳିବ ବୋଲି ଗବେଷକଙ୍କ ଦାବି । ବ୍ରିଟେନର ବିଭିନ୍ନ ଅଞ୍ଚଳରୁ ୨ହଜାର ଲୋକଙ୍କୁ ନେଇ ଏକ ପରୀକ୍ଷା କରାଗଲା। ୧ହଜାର ବ୍ୟକ୍ତିଙ୍କୁ ନିୟମିତ ଭାବରେ ଚିତ୍ର ଆଙ୍କିବା ନିମନ୍ତେ ପରାମର୍ଶ ଦିଆଗଲା ଲକ୍ଷ୍ୟ କରାଗଲା, ଯେଉଁ ବ୍ୟକ୍ତିମାନେ ନିୟମିତ ଚିତ୍ର ଆଙ୍କିଲେ ସେମାନଙ୍କ ବ୍ୟବହାର, ଚିନ୍ତା କ୍ରମଶଃ ବଦଳିବାକୁ ଆରମ୍ଭ ହେଲା । ଅନ୍ୟ ବୟସ୍କଙ୍କୁ ମଧ୍ୟ ଚିତ୍ର ଆଙ୍କୁଥିବା ବୟସ୍କମାନେ ଉତ୍ସାହିତ କରିବାକୁ ଲାଗିଲେ । ତେବେ ଅନ୍ୟ ଯେଉଁମାନେ ବୀତସ୍ପୃହ ହୋଇ ଚୁପଚାପ୍ ଜୀବନ ବିତାଉଥିଲେ, ସେମାନଙ୍କ ମଧ୍ୟରୁ କେତେଜଣ ଅକାଳରେ ପ୍ରାଣ ହରାଇଲେ ଓ କିଛି ବ୍ୟକ୍ତି ବିଭିନ୍ନ ମାନସିକ ରୋଗୀ ହେଲେ । ଗବେଷକଙ୍କ ମତରେ, ରଙ୍ଗର ପ୍ରଭାବରୁ ହିଁ ବୟସ୍କ ଲୋକଙ୍କ ମାନସିକ ଅବସ୍ଥାର ଉତ୍ତମ ପରିବର୍ତ୍ତନ ହୋଇଛି । ସେଥିପାଇଁ ଗବେଷକଙ୍କ କହିବାନୁସାରେ, ବୟସ୍କମାନେ ଚିତ୍ର ଆଙ୍କନ୍ତୁ ।

ଚଟାଣ ସଫା ଦେଖାଯିବ

ଘରର ଚଟାଣ ଯଦି ରଙ୍ଗହୀନ କିମ୍ବା ଅପରିଷ୍କାର ଦେଖାଯାଏ, ତେବେ ଯେତେ ସୁନ୍ଦର ଘର କରିଥିଲେ ବି କିଛି ଲାଭ ରହେନି । ଅପରିଷ୍କାର ଚଟାଣ ବିଭିନ୍ନ ରୋଗର କାରଣ ହୋଇଥାଏ । ସାମାନ୍ୟ ଚେଷ୍ଟାରେ ଚଟାଣକୁ ସଫା ରଖାଯାଇପାରିବ ।

♦କଳା ଏବଂ ଲାଲ ରଙ୍ଗର ଟାଇଲ ଶୀଘ୍ର ମଇଳା ହୋଇଯାଏ । ବାଲଟିଏ ପାଣିରେ ୧କପ୍ ସିରକା ମିଶାଇ ପୋଛିଲେ ଏହା ତୁରନ୍ତ ସଫା ହୋଇଯିବ ।

♦ତରବରିଆ ଭାବେ ଘର ପୋଛି ସଫା କରିବାକୁ ଚାହୁଁଥିଲେ କେତୋଟି ଲେମ୍ବୁ କାଟି ଏହାର ରସ ଏକ ବାଲଟି ପାଣିରେ ମିଶାଇ ଦେବେ । ଏଥିରେ ପୋଛିଲେ ଚଟାଣରେ ଥିବା ଦାଗ ତୁରନ୍ତ ସଫା ହୋଇଥାଏ ।

♦ପୋଷାକ ସଫା କରିବା ସମୟରେ ବ୍ୟବହାର କରୁଥିବା ଫାବ୍ରିକ୍ ସଫ୍ଟନରକୁ ବି ଚଟାଣ ସଫା କାମରେ ଲଗାଇହେବ । ତେବେ ଭଲ ଭାବେ ନ ପୋଛିଲେ ଏହାର ଦାଗ ଚଟାଣକୁ ଅଧିକ ଅପରିଷ୍କାର କରିଦେଇପାରେ ।

♦ବାଲଟିଏ ପାଣିରେ ୧କପ୍ ଆମୋନିଆ ଅତି ଉତ୍କଟ ଗନ୍ଧଯୁକ୍ତ ଥିବାରୁ ସଫା କରିବା ସମୟରେ ଘରର କବାଟ ଝରକା ଖୋଲା ରଖନ୍ତୁ । ଏହାଦ୍ୱାରା ଦୁର୍ଗନ୍ଧ ପଳାଇବ ।

♦ଚଟାଣ ଘୋଡ଼ାଇବା ଲାଗି ଆଜିକାଲି ବିଶେଷ ପ୍ରକାରର ପ୍ଲାଷ୍ଟିକ ମ୍ୟାଟ୍ ମିଳୁଛି । ଏଥିରେ ପୂରା ଚଟାଣ ଘୋଡ଼ାଇହେବ । ସଫା କରିବାକୁ ମଧ୍ୟ ସହଜ ।

♦ବାଲଟିଏ ପାଣିରେ ୧ଚାମଚ ଇଥାନଲ ମିଶାଇ ଚଟାଣ ପୋଛିପାରିବେ ।

ଦିନକୁ ୨ କପରୁ ଅଧିକ ଥର ଚା' ପିଉଥିଲେ...

କେବଳ ଆମ ଭାରତ ନୁହେଁ, ବରଂ ବିଦେଶୀ ରାଷ୍ଟ୍ର ଜାପାନ, ଚୀନ୍, ଆମେରିକା, ବ୍ରିଟେନରେ ୬୦ ରୁ ୭୦ ପ୍ରତିଶତ ଲୋକେ ସକାଳ-ସନ୍ଧ୍ୟାରେ ଚା' ପିଇବାରେ ଅସୁବିଧା ନାହିଁ, ହେଲେ ଅଧିକ ଥର ପିଇବା ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଇଥାଏ । ଟେକ୍ସାସର ବିଶେଷଜ୍ଞ ଦଳ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରି ୨ବର୍ଷ ତଳେ ଏକ ଗବେଷଣା ଆରମ୍ଭ କରିଥିଲେ । ଏଥିରୁ ମିଳିଥିବା ତଥ୍ୟ ଅନୁସାରେ:

-ଚା'ରେ ଥିବା କେଫିନ୍ କାରଣରୁ ଅଧିକ ପରିମାଣରେ ଏହା ପିଇଲେ ବ୍ୟସ୍ତ ଲାଗିଥାଏ ।

-ଏହି ପାନୀୟରେ ଟେନିନ୍, ଟାଇଲିନ୍ ଥିବାରୁ ପେଟ ସମସ୍ୟା ଉପୁଜିବାର ସମ୍ଭାବନା ସର୍ବାଧିକ ।

-ଆଜିକାଲି ଅଧିକାଂଶର ହାଡ଼ ଦୁର୍ବଳ ସମସ୍ୟା ଦେଖାଯାଉଛି । ଏମାନଙ୍କ ମଧ୍ୟରୁ ସଂଖ୍ୟାଧିକ ଦୈନିକ ୩ରୁ ୪ କପ୍ ଚା' ପିଉଥିବାରୁ ଏହି ଅସୁବିଧା ଉପୁଜୁଛି ।

-ନିଦ୍ରାହୀନତାର ସମସ୍ୟା କହୁଥିବା ବ୍ୟକ୍ତିମାନେ ମଧ୍ୟ ଅଧିକ ପରିମାଣର ଚା' ପିଉଥିବାର ପରୀକ୍ଷାରୁ ପ୍ରମାଣିତ ।

-ଚା' ଅଭ୍ୟାସ ରଖୁଥିବା ଲୋକେ ଦିନଟିଏ ନ ପିଇଲେ ଅସ୍ତବ୍ୟସ୍ତ ହୋଇଥାନ୍ତି । ତତ୍‌କ୍ଷଣାତ୍ ଏମାନଙ୍କର ମୁଣ୍ଡବିନ୍ଧା ଆରମ୍ଭ ହୁଏ ।

-ଏହି ପାନୀୟ ୨ କପରୁ ଅଧିକ ପିଉଥିବା ଯୁବତୀଙ୍କଠାରୁ ବ୍ରଣ ସମସ୍ୟା ଦେଖାଯାଇଥାଏ ।



୯ବର୍ଷ ଧରି ଏହି ଗାଁରେ ଜନ୍ମ ହୋଇନାହିଁ ପୁଅଟିଏ

ଚେକ୍ ରିପବ୍ଲିକ୍ ଏବଂ ପୋଲାଣ୍ଡର ସୀମାରେ ଏପରି ଏକ ଗାଁ ଅଛି ଯେଉଁଠାରେ କେବଳ ଜନ୍ମ ହେଉଛନ୍ତି ଝିଅ । ଗତ ୯ବର୍ଷ ମଧ୍ୟରେ ଏହି ଗାଁରେ ଗୋଟିଏ ବି ପୁଅ ଜନ୍ମ ହୋଇନାହାଁନ୍ତି । ଏହି ଗାଁର ନାମ ହେଉଛି ମିଜେସ୍କେ ଆନ୍ଦ୍ରେଜେନସ୍କି । ଗାଁର ମେୟର ଏବେ ଘୋଷଣା କରିଛନ୍ତି ଯେ, ଯେଉଁ ଦମ୍ପତି ପୁଅ ସନ୍ତାନ ଜନ୍ମ ଦେବେ ତାଙ୍କୁ ଉପହାର ମିଳିବ । ଶେଷଥର ପାଇଁ ୨୦୧୦ ମସିହାରେ ଗାଁରେ ଗୋଟିଏ ପୁଅ ଜନ୍ମ ହୋଇଥିଲା । ପରେ ଏହି ପରିବାର ଗାଁ ଛାଡ଼ି ସହରକୁ ପଳାଇଛନ୍ତି । ଏହି ଗାଁର ଜନସଂଖ୍ୟା ୩୦୦ ଥିଲାବେଳେ ଅଜବ ଘଟଣାକୁ ନେଇ ଗାଁଟି ଏବେ ବେଶ ଖ୍ୟାତ । ଗବେଷକମାନେ ବର୍ତ୍ତମାନ ଗାଁକୁ ଆସି ଘଟଣାକୁ ନେଇ ଗବେଷଣା ଆରମ୍ଭ କରିଦେଇଛନ୍ତି ।

ଜାରକା ଜଳ ସମ୍ପଦ ବିଭାଗ ଜମି ଜବର ଦଖଲରେ, ବିଭାଗୀୟ ଅଧିକାରୀଙ୍କ ନଜର ପଡୁ

ଧର୍ମଶାଳା, ୧୮/୭ (ନି.ପ୍ର): ଯାଜପୁର ଜିଲାରେ ଧର୍ମଶାଳା ବ୍ଲକ ବହୁ ସମୟରେ ଚର୍ଚ୍ଚାରେ ରହି ଆସୁଛି । ପାହାଡ,କଳାପଥର ଓ ଚୋରା ବାଲି ଚାଲାଣକୁ ନେଇ ସବୁ ବେଳେ ଧର୍ମଶାଳା ତହସିଲ ଚର୍ଚ୍ଚାରେ ରହି ଆସୁଥିବା ନଜିର ରହିଛି । ଏବେ ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବା ପାଇଁ ଏହି ତହସିଲରେ ପ୍ରତିଯୋଗିତା ଚାଲିଛି । ହେଲେ ବ୍ଲକ ପ୍ରଶାସନ ସବୁ ଜାଣି ଅନ୍ଧ ପୁଟୁଳି ବାନ୍ଧି ବସିଛି । ତେବେ କେବେ ପଡିବ ଉଚ୍ଚ ବିଭାଗୀୟ କର୍ମଚାରୀଙ୍କ ନଜର ତାହା ଦେଖିବାକୁ ବାକି ରହିଲା । ଅଭିଯୋଗ ମୁତାବକ ଧର୍ମଶାଳା ତହସିଲ ଅଂଚଳରେ ଅନେକ ସରକାରୀ ଜମି ରହିଛି । ଅନେକ ସ୍ଥାନରେ ଏହା ଜନସାଧାରଣଙ୍କ କାମରେ ଲାଗୁଥିବା ବେଳେ ଅନେକ ଜମି ଏବେ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ କବଳରେ । ଏହି ଅଂଚଳରେ ସରକାରୀ ଜମି ଦଖଲକୁ ନେଇ ପ୍ରତିଯୋଗିତା ଚାଲିଛି । ଧର୍ମଶାଳା ବ୍ଲକ ମଙ୍ଗଳପୁର ପଂଚାୟତ ଅଧିନରେ ଥିବା ଜାରକା ଜଳ ସମ୍ପଦ ବିଭାଗର ଅନେକ ଜମି ଏବେ ମାଫିଆଙ୍କ କବଳକୁ ଚାଲିଯାଇଛି । ମଙ୍ଗଳପୁର ପଂଚାୟତର କୋଠଡିହ ରାଜସ୍ୱ ଗ୍ରାମ ନିକଟରେ ଅନେକ ଜଳ ସମ୍ପଦ ବିଭାଗର ଜମି ସ୍ଥାନୀୟ ଲୋକେ ନିଜ ନିଜ ଅକ୍ତିଆର ନେଇ ସେଠାରେ ବ୍ୟବସାୟ ପ୍ରତିଷ୍ଠାନ କରୁଛନ୍ତି । ଏହି ସବୁ ସ୍ଥାନମାନଙ୍କରେ କିଛି ଅସାଧୁ ବ୍ୟବସାୟୀମାନେ ବିଭିନ୍ନ ସମୟରେ ଅବାଧରେ ନିଶା କାରବାର କରୁଥିବା ନଜିର ରହିଛି । ଏହି ସ୍ଥାନରେ ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ କରି ମଦ,ଗଞ୍ଜେଇ ଏବଂ କାଠ ବେପାର ବେଧକ ଚାଲିଛି । ହେଲେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କଲେ କିଛି ସୁଫଳ ମିଳିବା ପରିବର୍ତ୍ତେ ନାନା ଧମକ ମିଳୁଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲ ମଧ୍ୟ କିଛି ସୁଫଳ ମିଳୁ ନାହିଁ । ଏବଂ ଏହି ସବୁ ଜମିରେ ଯଦି ପଡିଆ ପଡିବ ତାହାହେଲେ ଗାଈଗୋରୁମାନଙ୍କ ଚଳପ୍ରଚଳ ହେବ । ଏବଂ ଏହି ସ୍ଥାନମାନଙ୍କରେ ଯଦି ଚାରା ରୋପଣ କରାଗଲେ ତାହା ପରିବେଶରେ ସୁଧାର ଆସିବ । ଏବଂ ଏହି ସ୍ଥାନରେ ଉଠା ପାନୀୟ ଜଳ ପ୍ରକଳ୍ପ ଯୋଜନା ପାଇଁ ଆବଶ୍ୟକୀୟ ଜମି ନ ଥିବା ବେଳେ ଏହି ସ୍ଥାନରେ ଜଳସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଏହି ଜମିରେ ପ୍ରକଳ୍ପ କରାଗଲେ ଅନେକ ଲୋକଙ୍କ ଉପକାରରେ ଆସି ବୋଲି ସ୍ଥାନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ଧର୍ମଶାଳା ତହସିଲଦାର ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯିବା ସହି ଏହି ସ୍ଥାନମାନଙ୍କରୁ ଜବର ଉଚ୍ଛେଦ କରାଯିବ ବୋଲି ମଙ୍ଗଳପୁର ସରପଂଚ ବନମିତ୍ରା ଜେନା ପତାଙ୍କ ପ୍ରତିକ୍ରୀୟାରେ ପ୍ରକାଶ କରିଛନ୍ତି ।

ସ୍ୱର୍ଗତଃ ନାରାୟଣ କବିଙ୍କ ସ୍ମୃତି ସଭା

କେନ୍ଦ୍ରାପଡ଼ା, ୧୮/୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚାରିଗାଁ ଫଂଚାୟତର କଂଗ୍ରେସର ପୂର୍ବତନ ସଭାପତି ସ୍ୱର୍ଗତଃ ନାରାୟଣ କବିଙ୍କ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ଶ୍ରଦ୍ଧାଞ୍ଜଳୀ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଯୋଗଦେଇ ସ୍ମୃତି ଚାରଣ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଚିନ୍ମୟ ପ୍ରସାଦ ବେହୁରା, ଧୂମାତ ସରପଂଚ ନରହରି ପାଣି, ଚାରିଗାଁ ସରପଂଚ ଭାରତୀ ମଲିକ, ନୀଳ ମାଧବ ପତି, ଗିରିଶ ଚନ୍ଦ୍ର ପାତ୍ର, ପୂର୍ବତନ ସରପଂଚ ବସନ୍ତ ଘୋଷ ଯୋଗଦେଇ ସ୍ୱର୍ଗତଃ କବି ଜଣେ ନିଷ୍ପଟ ଓ ନିଷ୍ଠାପର ପରୋପକାରୀ ବ୍ୟକ୍ତି ବୋଲି ବକ୍ତବ୍ୟରେ ମତ ପ୍ରକାଶ କରିଥିଲେ ।

ନକଲି ଗୁଣ୍ଡି କାରଖାନା ଉପରେ ପୋଲିସର ଚଢାଉ,୨ ଗିରଫ ସହ ମେସିନ ଜବତ

ଧର୍ମଶାଳା, ୧୮/୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ କୁଆଖିଆ ପୁଲିସକୁ ସଫଳତା । ଆଜି ସକାଳେ ଭୋଟକା ଫଂଚାୟତସ୍ଥ ବିଲିପଡା ଗ୍ରାମରୁ ଏକ ନକଲି ଗୁଣ୍ଡି କାରଖାନା ଉପରେ ଆତର୍କିତ ଚଢାଉ କରି ମାଲିକ ଓ ମିସ୍ତ୍ରୀକୁ ଗିରଫ କରିବା ସହ ବ୍ୟବହୃତ ମେସିନ,ଗୁଣ୍ଡି,ଜରି ଓ କଂଚା ମାଲକୁ ଜବତ କରି ତଦନ୍ତ ଚଳାଇଛି । ଏହାର ଆନୁମାନିକ ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ ଟଙ୍କା ହେବ ବୋଲି ଜଣାପଡିଛି । ମାଲିକ ଜଣକ ହେଲେ ଏହି ଗ୍ରାମର ନିରଞ୍ଜନ ଆୟଚ (୫୫) ଓ ମିନ୍ତ୍ରୀ ରଶ୍ମୀରଂଜନ ମହାନ୍ତି(୩୫) ବୋଲି ଜଣାପଡିଛି । ସୂଚନା ମୁତାବକ ଆଜି ସକାଳୁ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଥାନା ଏଏସଆଇ ଆରକେ ଦାସ ବିଲିପଡା ଗ୍ରାମରେ ଅଚାନକ ଚଢାଉ କରିଥିଲେ । ଏହି ଚଢାଉ ସମୟରେ ନକଲି ଗୁଣ୍ଡି କାରଖାନାର ମାଲିକ ନିରଞ୍ଜନ ଆୟଚ ଓ ଗୁଣ୍ଡି ତିଆରି କରୁଥିବା ମନ୍ତ୍ରୀ ରଶ୍ମିରଂଜନ ମହାନ୍ତିକୁ ଗିରଫ କରିଥିଲା । ଏବଂ ଏହି ଘରେ ଏକ ବ୍ୟବହୃତ ମେସିନ ସମେତ ତିଆରି ଗୁଣ୍ଡି,କଂଚା ମାଲ,କିଛି କମ୍ପାନୀର ବ୍ରାଣ୍ଡ ଜରିକୁ ଜବତ କରିଛି । ଆଜି ଦୁହିଁକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ପ୍ରକାଶ କରିଛନ୍ତି । ଚଢାଉ ସମୟରେ ଘଟଣାସ୍ଥଳରେ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ଫଂହଚି ତଦନ୍ତ କରିଥିଲେ । ଦୀର୍ଘ ଦିନ ଧରି ଏହି ଗ୍ରାମରେ ନିରଞ୍ଜନ ଏକ ମେସିନ ପକାଇ ସରକାରୀ ଅନୁମତି ବିନା ନକଲି ଗୁଣ୍ଡି କାରଖାନା ଚଳାଇ ଆସୁଥିବା ନେଇ ପୁଲିସ ଜାଣିବାକୁ ପାଇଥିଲା । ନିରଞ୍ଜନ ପୂର୍ବରୁ ଆୟୁରବେଦିକ ଔଷଧ ତିଆରି କରିବା ପାଇଁ ମେସିନ ବସାଇଥିଲେ । ଏହି ମେସିନରେ ସେ ରାଜ୍ୟ ବାହାରୁ କିଛି ନାମିଦାମୀ କମ୍ପାନୀ ଜରି ଆଣି ଗୁଣ୍ଡିକୁ ପ୍ୟାକିଂ କରି ଜିଲାର ବିଭିନ୍ନ ସ୍ଥାନରେ ଏହା ପ୍ରସାର କରିଥିଲା । ଶେଷରେ ଆଜି କୁଆଖିଆ ପୁଲିସ ଚଢାଉ କରି ଏହି ସଫଳତା ପାଇଛି ।

କରୋନା ଆକ୍ରାନ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି, ୧୮/୭ (ନି.ପ୍ର):ଗଜପତି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ରବିଚନ୍ଦ୍ର ନାୟକଙ୍କ ଅଶ୍ୱିନୀ ହସ୍ପିଟାଲରେ ପରଲୋକ ହୋଇଯାଇଛି । କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ତାଙ୍କୁ ପ୍ରଥମେ ଜିଲ୍ଲା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପରେ ତାଙ୍କୁ ଅଶ୍ୱିନୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ତାଙ୍କ ବିୟୋଗରେ ଜିଲ୍ଲାପାଳ ଅନୁପମ୍ ସାହା ଓ ଅନ୍ୟ ଅଧିକାରୀ ମାନେ ଶୋକ ପ୍ରକାଶ କରିଛନ୍ତି ।

ଜିଲ୍ଲାରୁ ବାହାରିଲେ ୧୦ ନୂତନ କରୋନା ପଜିଟିଭ୍ : ୫ କ୍ୱାରେନଟାଇନ କେନ୍ଦ୍ରରୁ, ୫ ଲୋକାଲ

ଭଦ୍ରକ, ୧୮/୭(ହି.ସ.) - ଗତକାଲି ଜିଲ୍ଲାରେ ମୋଟ ୧୦ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୩୧୫ରେ ପହଂଚିଛି । ଗତକାଲି ୪ଜଣ ଆକ୍ରାନ୍ତ ସୁସ୍ଥ ମଧ ହୋଇଛନ୍ତି । ଫଳରେ ଏବେ ଆକ୍ଟିଭ କେଶ୍ ୨୬ରେ ରହିଥିବା ବେଳେ ମୋଟ ୨୮୮ଜଣ ସୁସ୍ଥ ହୋଇ ସାରିଛନ୍ତି । ମୋଟ ନମୁନା ପରୀକ୍ଷା କରାଯାଇଛି ୧୩ହଜାର ୧୮୩ଜଣଙ୍କର । ନୂତନ ଚିହ୍ନଟଙ୍କ ମଧ୍ୟରେ ଜଣେ ବନ୍ତ ବ୍ଲକ ଷେଣ୍ଢତୀରା ସ୍ଥିତ ଟିମଏମ୍‌ସିର ହୋଇଥିବା ବେଳେ ଆଉ ଜଣେ ଗଣିଜାଙ୍ଗ ଟିଏମ୍‌ସିର । ସେହିପରି ୩ଜଣ ଆକ୍ରାନ୍ତ ତିହିଡି ବ୍ଲକର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କ୍ୱାରେନଟାଇନ କେନ୍ଦ୍ରର । ଲୋକାଲ କଂଟାକ୍ଟ ଭାବେ ଚିହ୍ନଟ ୫ଜଣଙ୍କ ମଧ୍ୟରୁ ୨ଜଣ ଭଦ୍ରକ ପୌରପାଳିକାର ୨୬ ନଂ ୱାର୍ଡର, ଜଣେ ଚରମ୍ପା ହନୁମାନ ହାଟ ଶୁକ୍ଳସାହିର, ଜଣେ ତିହିଡି ବ୍ଲକ ସୟା ତଳବନ୍ଧ ଗ୍ରାମର, ଜଣେ ଧାମନଗର ବ୍ଲକ ପାଳସାହି ପଂଚାୟତର ଗାନ୍ଧିଘାଟ ଶାସନ ଅଂଚଳର ବୋଲି ଜଣା ପଡିଛି । ଆଜି ଜିଲ୍ଲାପାଳ ଡ. ଜ୍ଞାନ ଦାସ ଭଦ୍ରକ ପୌରପାଳିକାର ଚରମ୍ପା ପଂଚାୟତକୁ ବଫରଜୋନ ଓ ଝାଟିଆ, ଜାନୁଗଞ୍ଜସାହି ଓ ଚରମ୍ପା ଗ୍ରାମକୁ କଂଟେନମେଂଟ ଜୋନ ଘୋଷଣା କରିଛନ୍ତି । ସେହିଭଳି ଭାବେ ପୌରପାଳିକାର ୨୬ ନଂ ୱାର୍ଡକୁ କ ନମେ ଓ ୨୩ ନଂ ୱାର୍ଡକୁ ବଫରଜୋନ ଭାବେ ଘୋଷଣା କରଯାଇଛି । ଧାମନଗର ବ୍ଲକର ପାଳସାହି ପଂଚାୟତ ବଫରଜୋନ ହୋଇଥିବା ବେଳେ ସାଆଁଳପୁର ଗ୍ରାମର ଗାନ୍ଧିଘାଟ ଶାସନକୁ କଂଟେନମେଂଟ ଜୋନ ଘୋଷଣା କରାଯାଇଛି । ଅନୁରୂପ ଭାବେ ତିହିଡି ବ୍ଲକର ସୟା ପଂଚାୟତକୁ ବଫରଜୋନ ଓ ତଳବନ୍ଧ ଟିଏମ୍‌ସିକୁ କଂଟେନମେଂଟ ଜୋନ ଏବଂ ବନ୍ତ ବ୍ଲକର ହାକିମପୁର ଗ୍ରାମର ନେହେରୁ ନୋଡାଲ ହାଇସ୍କୁଲକୁ କଂଟେନମେଂଟ ଜୋନ ଓ ଗଣିଜାଙ୍ଗ ପଂଚାୟତକୁ ବଫରଜୋନ ଭାବେ ଘୋଷଣା କରାଯାଇଛି । ପୂର୍ବରୁ କଂଟେନମେଂଟ ଜୋନ ଥିବା ତିହିଡି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ଭାଟପଡା ପଂଚାୟତର ବଫରଜୋନ କଟକଣାର ସମୟସୀମା ଆଉ ୧୪ ଦିନ ବୃଦ୍ଧି କରାଯାଇଥିବା ବେଳେ ବନ୍ତ ବ୍ଲକର ପୂର୍ବରୁ କଟକଣା ପରିସରରେ ଥିବା ଷେଣ୍ଢତୀରା ଟିଏମ୍‌ସିର ସମୟସୀମାରେ ବୃଦ୍ଧି କରାଯାଇଛି । ଅନ୍ୟପକ୍ଷରେ ବାସୁଦେବପୁର ପୌରପାଳିକାର ୧୪ ନଂ ୱାର୍ଡ ଶୁକଦେବପୁରକୁ କଟକଣା ମୁକ୍ତ କରାଯାଇଛି ।

୬ ଜଣ କୋଭିଡ ପୋଜିଟିଭ ସୁସ୍ଥ ହେଲେ

ନୂଆପଡା, ୧୮/୭ (ନି.ପ୍ର): ନୂଆପଡା ଜିଲ୍ଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଶୁକ୍ରବାର ୬ ଜଣ କୋଭିଡ ପୋଜିଟିଭ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି । ଆରୋଗ୍ୟ ଲାଭ ପରେ ସେମାନଙ୍କୁ ସେମାନଙ୍କ ଘରକୁ ଛଡା ଯାଇଥିବା ନେଇ ଜିଲ୍ଲା କୋଭିଡ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ରାଧାରମଣ ବିଷ୍ଣୁଆ ପ୍ରକାଶ କରିଛନ୍ତି । ଜିଲ୍ଲାରେ ବର୍ତ୍ତମାନ ପର୍ଯ୍ୟନ୍ତ ୧୦୦ ଜଣ କୋଭିଡ ପୋଜିଟିଭ ଆକ୍ରାନ୍ତଙ୍କ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୯୧ ଜଣ କୋଭିଡ ପୋଜିଟିଭ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି । ବର୍ତ୍ତମାନ ୯ ଜଣଙ୍କ ଚିକିତ୍ସା ଜାରୀ ରହିଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ନୂଆପଡା ଜିଲ୍ଲାରେ ଆବଶ୍ୟକ ଅନୁପାତରେ କୋଭିଡ ଟେଷ୍ଟ ହେଉନଥିବା ଅଭିଯୋଗ ହେଉଛି । ସପ୍ତାହକୁ ୧୦୦ ଗୋଟି କିଟ୍ ଜିଲ୍ଲାକୁ ଯୋଗାଇ ଦିଆଯାଉଥିବା ବେଳେ ଅଧିକ କିଟ୍ ଯୋଗାଇ ଦେବାକୁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ସରକାରଙ୍କ ଅନଲକ-୧ ପରେ ପରେ ପ୍ରାୟ ସମସ୍ତେ ସରକାରଙ୍କ ନୀତିନିୟମକୁ ପାଳନ କରୁନଥିବା ଦେଖିବାକୁ ମିଳିଛି । ଲୋକେ ବେଧଡକ ଭାବରେ ଯାୟାତତ କରୁଛନ୍ତି । ସାମାଜିକ ଦୂରତା, ମାସ୍କ ପରିଧାନ ଭଳି ନୀତିନିୟମକୁ ଲୋକେ ଭୁଲି ଯାଇଥିବା ଭଳି ମନେ ହେଉଛି । ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

ମୟୂରଭଞ୍ଜରେ କରୋନା ଘାତକ ସାଜିବା ଆରମ୍ଭ କରିଛି : ଉଦଳା ଏନଏସିରେ ପହଁଚିଲା କରୋନା

୨୬ଟି ବ୍ଲକ, ଗୋଟାଏ ପୌର ପରିଷଦ ଓ ଏନଏସିରେ କାୟା ବିସ୍ତାର କଲା

ବାରିପଦା, ୧୮/୭ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନା ଘାତକ ସାଜିଛି । ଆଜି ପ୍ରଥମ ଥର ଉଦଳା ଏନଏସିରୁ ଜଣେ ଲୋକାଲ କଂଟାକ୍ଟରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି । ସମସ୍ତ ୨୬ଟି ବ୍ଲକ ସହିତ ବାରିପଦା ପୌରପରିଷଦ ଓ ଉଦଳା ଏନଏସିରେ କରୋନା କାୟା ବିସ୍ତାର କରିସାରିଥିବା ବେଳେ ବାକି ରହିଯାଇଛି ରାଇରଙ୍ଗପୁର ପୌରପରିଷଦ ଓ କରଞ୍ଜିଆ ଏନଏସି । ଜିଲ୍ଲାରେ ସହରାଂଚଳ ତୁଳନାରେ ଗ୍ରାମାଂଚଳଗୁଡ଼ିକରୁ ଅଧିକ କରୋନା ସଂକ୍ରମିତମାନଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ସମୟରେ ଏହା ପ୍ରଶାସନ ନିମନ୍ତେ ମୁଣ୍ଡବ୍ୟଥାର କାରଣ ପାଲଟିଯାଇଛି । ଏହି ସମୟରେ ଆଜି ଜିଲ୍ଲାରେ ନୂଆ ୨୨ କରୋନା ପଜିଟିଭ ଚିହ୍ନଟ ହୋଇଛି । ଯଶୀପୁର-୧, କପ୍ତିପଦା-୧, କୁଳିଅଣା-୧, ଶୁକୃଳି-୧, ଶୁଳିଆପଦା-୧, ମୋରଡ଼ା-୧, ବାରିପଦା ପୌରପରିଷଦ-୧, ଉଦଳା ଏନଏସି-୧, ବିଶୋଇ-୨, ବଡ଼ସାହି-୨, କୁସୁମୀ-୨, ଗୋପବନ୍ଧୁନଗର-୨ ଓ ରରୁଆଁ ବ୍ଲକ ଅଂଚଳରୁ-୬ ପଜିଟିଭ ଚିହ୍ନଟ ହୋଇଛନ୍ତି । ଫଳରେ ସଂକ୍ରମିତମାନଙ୍କ ସଂଖ୍ୟା ୪୩୩ରେ ପହଁଚିଛି । ଏମାନଙ୍କ ମଧ୍ୟରେ ଯଶୀପୁର-୧, କପ୍ତିପଦା-୧ ଓ ଶୁକୃଳି ବ୍ଲକରୁ-୧କୁ ମିଶାଇ ୩ ଜଣ କ୍ୱାରେନଟାଇନ ସେଂଟରର ଅନ୍ତେବାସୀ ହୋଇଥିବା ସମୟରେ କୁଳିଅଣା-୧, ମୋରଡ଼ା-୧, ବାରିପଦା ପୌରପରିଷଦ-୧, ଉଦଳା ଏନଏସି-୧, ବିଶୋଇ-୨, ବଡ଼ସାହି-୨, ଗୋପବନ୍ଧୁନଗର-୨, କୁସୁମୀ-୨ ଓ ରରୁଆଁ ବ୍ଲକ ଅଂଚଳରୁ ୬କୁ ମିଶାଇ ମୋଟ ୧୮ଜଣ ଲୋକାଲ କଂଟାକ୍ଟରୁ ସଂକ୍ରମିତ ହୋଇଛନ୍ତି । ଏଥି ସହିତ ଶୁଳିଆପଦା ବ୍ଲକ ଅଂଚଳରୁ ଜଣେ କୋଭିଡ଼-୧୯ ଯୁଦ୍ଧାଙ୍କ ରିପୋର୍ଟ ପଜିଟିଭ ଆସିଛି । ଏମାନଙ୍କୁ ଚିକିତ୍ସା ନିମନ୍ତେ କୋଭିଡ଼ ହସପିଟାଲରେ ଭର୍ତ୍ତି କରାଯାଇଛି ଏବଂ ଚିହ୍ନଟ ହୋଇଥିବା ସମସ୍ତ ସଂକ୍ରମିତମାନଙ୍କ ଟ୍ରାଭେଲ ହିଷ୍ଟ୍ରିକୁ ଯାଂଚ କରାଯାଉଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ସେହିପରି ଆଜି ଜିଲ୍ଲାରୁ ଜଣେ ସୁସ୍ଥ ହୋଇ ଫେରିଥିବାର ଓଡ଼ିଶା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ଜଣାପଡ଼ିଛି ଏବଂ ଜିଲ୍ଲାରେ ସୁସ୍ଥ ସଂଖ୍ୟା ୩୧୦ରେ ପହଁଚିଥିବା ବେଳେ ସକ୍ରିୟ ସଂଖ୍ୟା ୧୨୧ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂତ୍ରରୁ ମୃତ୍ୟୁ ସଂଖ୍ୟା ୨ ଥିବାର ଜଣାପଡ଼ିଛି । ତେବେ ବାରିପଦା ପୌରପରିଷଦର ଭଞ୍ଜପୁର ବାଘ ଗଳିର ତଳ ଅଂଚଳରୁ ଜଣେ ପଜିଟିଭ ଚିହ୍ନଟ ହୋଇଥିବା ବିଷୟ ଜନସାଧାରଣରେ ହେଉଥିବା ଚର୍ଚ୍ଚାରୁ ଜଣାପଡ଼ିଛି । ଏଥି ସହିତ ୩ / ୪ ଦିନ ପୂର୍ବେ ପରିବାରରେ ଏକ ପିଲାର ଜନ୍ମ ଦିବସ ପାଳନ କରାଯାଇଥିଲା । ଏଥିରେ ସାଙ୍ଗସାଥୀମାନେ ଯୋଗ ଦେଇ ଜନ୍ମଦିନର କେକ କାଟି ବାର୍ଥଡେ ମନାଇବା ପରେ ନିଜ ନିଜ ଘରକୁ ଫେରି ନିଜ ନିଜ ପରିବାରର ସଦସ୍ୟମାନଙ୍କ ସଂସ୍ପର୍ଶରେ ଆସିଥିଲେ । ଏହି ସମୟରେ ଗତକାଲି ବାର୍ଥ ଡ଼େ ପାର୍ଟି ମନାଉଥିବା ପରିବାରର ସଦସ୍ୟଙ୍କ ମଧ୍ୟରୁ ଜଣଙ୍କର ରିପୋର୍ଟ ପଜିଟିଭ ଆସିବା ପରେ ଏକ ଭୟର ବାତାବରଣ ସୃଷ୍ଟି ହୋଇଛି ଏବଂ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ସମସ୍ତଙ୍କର ନଜର ରହିଛି ।

ବିଶିଷ୍ଟ ସଂସ୍କୃତ ବିଦ୍ୱାନ ଗଣେଶ୍ୱର ପଣ୍ଡାଙ୍କ ପରଲୋକ

କେନ୍ଦ୍ରାପଡ଼ା, ୧୮/୭ (ନି.ପ୍ର): ଜିଲ୍ଲାର ବିଶିଷ୍ଟ ସଂସ୍କୃତ ବିଦ୍ୱାନ - ଜ୍ୟୋତିଷ –କାର୍ମକାଣ୍ଡବିତ୍ ପଣ୍ଡିତ୍ ଗଣେଶ୍ୱର ପଣ୍ଡାଙ୍କ ପରଲୋକ ହୋଇ ଯାଇଛି । ଗୁରୁବାର ରାତିରେ ମସ୍ତିଷ୍କ ଆଘାତ ରେ ୭୮ ବର୍ଷ ବୟସରେ ଆକସ୍ମିକ ପରଲୋକ ଘଟିଥିଲା । କେନ୍ଦ୍ରାପଡା ହାଇସ୍କୁଲ, କେନ୍ଦ୍ରାପଡା ବାଳିକା ବିଦ୍ୟାଳୟ, କେନ୍ଦ୍ରାପଡା ସିଟି ଟ୍ରେନିଙ୍ଗ ସ୍କୁଲରେ ଚାକିରୀ କରି ଅବସର ନେବା ପରେ ଗୋପଗ୍ରାମ ସ୍ଥିତ ବାସ ଭବନରେ ରହି ସାମାଜିକ କାର୍ଯ୍ୟରେ ସମୟ ଦେଉଥିଲେ । ଗୋପ ଗ୍ରାମ କମିଟି ସଭାପତି, ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଭାବେ କାର୍ଯ୍ୟକରି ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲେ । ଅମରେଶ୍ୱର ମହାଦେବଙ୍କ ମୁଖ୍ୟ ପୂଜକ ଭାବେ କାର୍ଯ୍ୟ କରୁଥିବା ସ୍ୱର୍ଗତ ପଣ୍ଡାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ପୌରପାଳ ଆକବର ଅଲ୍ଲୀ, ପୂର୍ବତନ କାଉନସିଲର ପ୍ରକାଶ ପରିଡା ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧା ପୁଷ୍ପ ଅର୍ପଣ କରିଥିଲେ ।

ଗବସାହି ବଜରଂଗ କମିଟି ପକ୍ଷରୁ ମନୋରଂଜନଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୧୮/୭ (ହି.ସ.) - ଭଦ୍ରକ ପୌରପାଳିକା ଅନ୍ତର୍ଗତ ୭ ନଂ ୱାର୍ଡର ଗବସାହିର ଉଦୀୟମାନ ଯୁବ ସମାଜସେବୀ, ସ୍ଥାନୀୟ ହନୁମାନ ମନ୍ଦିର ପ୍ରତିଷ୍ଠାର ଜଣେ ଆଗଧାଡିର କର୍ମୀ ତଥା ଗବସାହି ବଜରଂଗ କମିଟିର ଯୁବ ସଦସ୍ୟ ସ୍ୱର୍ଗତ ମନୋରଞ୍ଜନ ଜେନାଙ୍କ ଅକାଳ ବିୟୋଗରେ କମିଟି ପକ୍ଷରୁ ତାଙ୍କ ଏକାଦଶାହରେ ସ୍ଥାନୀୟ ଅନୁମାନ ମନ୍ଦିର ଠାରେ ଏକ ଶୋକସଭା କରାଯାଇ ଦିବଂଗତ ଆତ୍ମାପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ୱର୍ଗତ ଜେନାଙ୍କୁ ଫଟୋଚିତ୍ରରେ ପୁଷ୍ପାର୍ପଣ କରାଯାଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ତାଙ୍କ ଅକାଳ ମୃତ୍ୟୁ ବଜରଂଗ କମିଟିର କେବଳ ଅପୂରଣୀୟ କ୍ଷତି ଘଟାଇନାହିଁ, ବରଂ ସମଗ୍ର ଗବସାହି ଅ ଳର ଜଣେ ଉଦୀୟମାନ ସାହସୀ ଯୁବପ୍ରାଣର ଅନ୍ତ ଘଟାଇଲା । ତାଙ୍କର ନିଃସ୍ୱାର୍ଥ ପରୋପକାର ତାଙ୍କ ସ୍ମୃତିକୁ ସମସ୍ତଙ୍କ ହୃଦୟରେ ଚିର ଦିନ ପାଇଁ ଉଜ୍ଜୀବିତ କରି ରଖିବ ବୋଲି ସଭାରେ ମତ ପ୍ରକାଶ ପାଇଥିଲା । କରୋନା କଟକଣା ମଧ୍ୟରେ ସାମାଜିକ ଦୂରତ୍ୱ ରକ୍ଷା କରି ଗ୍ରାମବାସୀ, ବୁଦ୍ଧିଜୀବୀ ତା

ଭୁବନେଶ୍ୱରରୁ ଆଉ ୮୭ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୩୦କୁ ବୃଦ୍ଧି

ଭୁବନେଶ୍ୱର,୧୮।୭ (ନି.ପ୍ର): ଭୁବନେଶ୍ୱରରେ ଦିନକୁ ଦିନ କରୋନା ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଏହି କ୍ରମରେ ଶନିବାର ରାଜଧାନୀର ଆଉ ୮୭ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୪୬ ଜଣ ଲୋକାଲ କଂଟାକ୍ଟ କେସ୍ ରହିଛନ୍ତି। ସେହିପରି ଗୋଟିଏ ଦିନରେ ୩୭ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ବର୍ତମାନ ସୁଦ୍ଧା ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ସଂଖ୍ୟା ୧୧୩୦କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୪୯୪ ଜଣ ସୁସ୍ଥ ହୋଇଥିବା ବେଳେ ୧୧ ଜଣଙ୍କର ମୃତ୍ୟୁ ହୋଇ ସାରିଲାଣି। ବର୍ତମାନ ୬୨୪ ଜଣ ସକ୍ରିୟ ଆକ୍ରାନ୍ତ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଚିହ୍ନଟ ୪୧ ଆକ୍ରାନ୍ତଙ୍କ ମଧ୍ୟରେ ମୈତ୍ରୀ ବିହାରର ଏଲଆଇସି କଲୋନୀରୁ ୨ଜଣ (୨୩ଓ ୨୫ ବର୍ଷ ମହିଳା), ଆଇଆରସି ଭିଲେଜ ଏନ-୩ରୁ ଜଣେ ୭୦ ବର୍ଷ ପୁରୁଷ, ଗଙ୍ଗନଗରର ଏସବିଆଇ ଏନଆରଆଇ ଶାଖା ନିକଟରୁ ଜଣେ ୬୦ ବର୍ଷ ପୁରୁଷ, ବିଜେବି ନଗରରୁ ଜଣେ ୪୫ ବର୍ଷ ପୁରୁଷ, ଡମଣାରୁ ୩ଜଣ (୨୭,୧୫ ଓ ୨୧ ବର୍ଷ ମହିଳା), ଶାସ୍ତ୍ରୀ ନଗରରୁ ଜଣେ (୧୬ ବର୍ଷ ମହିଳା), ପୋଖରୀପୁଟର ଅନନ୍ତ ବିହାରରୁ ଜଣେ୩୩ ବର୍ଷ ମହିଳା, ଲକ୍ଷ୍ମୀସାଗରର ସନ୍ତୋଷ ବିହାରରୁ ୨ଜଣ (୩୫ ବର୍ଷ ପୁରୁଷ , ୭ ବର୍ଷ ବାଳକ), ନୟାପଲ୍ଲୀର ମହିମା ଢ଼ାବା ନିକଟରୁ ଜଣେ ୫୨ ବର୍ଷ ପୁରୁଷ , ୟୁନିଟ-୯ର ରୋଡ଼-୨ରୁ ଜଣେ ୧୭ ବର୍ଷ ଯୁବକ, ଲୁଇସ ରୋଡ଼ରୁ ଜଣେ ୨୩ ବର୍ଷ ପୁରୁଷ, ବିଜେବି ନଗରର ବିଜୟ ଲକ୍ଷ୍ମୀ କଲୋନୀରେ ରହୁଥିବା ଗୋଟେ ପରିବାରର ୩ଜଣ (୧୩ ଓ ୧୪ ବର୍ଷ ବାଳକ , ୮୫ ବଷ ପୁରୁଷ), ୟୁନିଟ-୨ର ରାଜମହଲ ଛକରୁ ଜଣେ ୨୦ ବର୍ଷ ମହିଳା, ରସୁଲଗଡ଼ରୁ ଜଣେ ୨୫ ବର୍ଷ ପୁରୁଷ, ଘରୋଇ ଡାକ୍ତରଖାନାର ଜଣେ ୨୬ ବର୍ଷ ମହିଳା କର୍ମଚାରୀ, ନୟାପଲ୍ଲୀର ବେହେରା ସାହିରୁ ଜଣେ ୨୭ ବର୍ଷ ପୁରୁଷ , ଆଚାର୍ଯ୍ୟ ବିହାରରେ ଥିବା ସାଇନ୍ସ ପାର୍କ ବସ୍ତିରୁ ଜଣେ ୪୮ ବର୍ଷ ପୁରୁଷ, ଲକ୍ଷ୍ମୀସାଗରର ଓସ୍କାର ସିଟି ନିକଟରୁ ଜଣେ ୫୫ ବର୍ଷ ପୁରୁଷ, ବମିଖାଲର ଜୟଦୁର୍ଗା ନଗରରୁ ଜଣେ ୫୦ ବର୍ଷ ପୁରୁଷ, ଓଲଡ ଟାଉନର ପୁନାମା ଗେଟରୁ ଜଣେ ୭୮ ବର୍ଷ ପୁରୁଷ , ଶ୍ରୀରାମ ନଗରରୁ ଜଣେ ୧୦ ବର୍ଷ ବାଳକ , ନୂଆଗାଁର ଖରଡ଼। ସାହିରୁ ଜଣେ ୩୩ ବର୍ଷ ପୁରୁଷ , ନୟାପଲ୍ଲୀ ବ୍ରିଟ କଲୋନିରୁ ୩ଜଣ (୩୭,୨୨ଓ ୪୮ ବର୍ଷ ପୁରୁଷ), ବଡ଼ଗଡ଼ କେନାଲ ରୋଡ଼ରୁ ଜଣେ ୪୫ ବର୍ଷ ପୁରୁଷ , ବରମୁଣ୍ଡାର ମହିମା ମିଶ୍ର ଲେନରୁ ଜଣେ ୬୧ ବର୍ଷ ପୁରୁଷ , କାନନ ବିହାରର ଫେଜ-୧ରୁ ଗୋଟେ ପରିବାରର ୬ଜଣ (୮ ଓ ୧୧ ବର୍ଷର ବାଳକ , ୮ ଓ ୧୩ ବର୍ଷର ବାଳିକା ଏବଂ ୧୮ ଓ ୨୦ ବର୍ଷର ଯୁବକ), ପାତ୍ରପଡାରୁ ଜଣେ ୨୮ ବର୍ଷ ମହିଳା ଏବଂ ମହାରାଷ୍ଟ୍ରରୁ ଫେରି ସଙ୍ଗରୋଧରେ ଥିବା ଜଣେ ୮ବର୍ଷୀୟ ଶିଶୁ ରହିଛି। ସେହିଭଳି ସ୍ଥାନୀୟ ସଂକ୍ରମଣର ଶିକାର ହୋଇଥିବା ୪୬ଜଣଙ୍କ ମଧ୍ୟରେ ଜାଗମରାର ଆଇଟିଇଆର କଲେଜ ନିକଟରୁ ଜଣେ ୨୫ ବର୍ଷ ମହିଳା, ୟୁନିଟ-୩ରୁ ଜଣେ ୩୫ ବର୍ଷ ପୁରୁଷ, ଘରୋଇ ଡାକ୍ତରଖାନାର ଜଣେ ୨୩ ବର୍ଷ ମହିଳା କର୍ମଚାରୀ, ଝାରପଡାର ବାଲାଜୀ ଗୋବିନ୍ଦ ଆପାର୍ଟମେଂଟରୁ ଜଣେ ୬୫ ବର୍ଷ ପୁରୁଷ, ୟୁନିଟ-୧ର ଆଖଣ୍ଡମଣି ବସ୍ତିରୁ ଜଣେ ୪୮ ବର୍ଷ ମହିଳା, ଲକ୍ଷ୍ମୀସାଗରର ପ୍ରିତମ କଲ୍ୟାଣ ମଣ୍ଡପ ନିକଟରୁ ଜଣେ ୪୭ ବର୍ଷ ମହିଳା, କଳିଙ୍ଗ ବିହାରରୁ ଜଣେ ୨୬ ବର୍ଷ ପୁରୁଷ, ରସୁଲଗଡର ଜଗନ୍ନାଥ ନଗରରୁ ଜଣେ ୨୯ ବର୍ଷ ପୁରୁଷ, ଗୌତମ ନଗରର ହରିହର ଏନକ୍ଲେଭରୁ ୩ଜଣ (୫୪ ଓ ୩୦ ବର୍ଷ ମହିଳା ଓ ୫୯ ବର୍ଷ ପୁରୁଷ), ବରମୁଣ୍ଡା ତ୍ରିନାଥ ବଜାରରୁ ଜଣେ ୨୩ ବର୍ଷ ମହିଳା , କାନନ ବିହାରରୁ ଜଣେ ୨୯ ବର୍ଷ ମହିଳା, ଶୈଳଶ୍ରୀ ବିହାରରୁ ୨ଜଣ (୩୫ ବର୍ଷ ପୁରୁଷ , ୩୬ ବର୍ଷ ମହିଳା) , ନୟାପଲ୍ଲୀ ଆଇଆରସି ଭିଲେଜରୁ ଜଣେ ୩୦ ବର୍ଷ ପୁରୁଷ, ଗଙ୍ଗନଗରରୁ ଜଣେ ୩୮ ବର୍ଷ ପୁରୁଷ ସରକାରୀ ହସ୍ପିଟାଲ କର୍ମଚାରୀ , ଟଙ୍କପାଣି ରୋଡ଼ର ରାଜାରାଣୀ କଲୋନୀରୁ ଜଣେ ୩୧ ବର୍ଷ ପୁରୁଷ , ଘରୋଇ ଡାକ୍ତରଖାନାର ଜଣେ କର୍ମଚାରୀ ୨୩ ବର୍ଷ ପୁରୁଷ , ନୟାପଲ୍ଲୀର ଗାନ୍ଧୀ ବସ୍ତିରୁ ଜଣେ ୭୬ ବର୍ଷ ପୁରୁଷ, ଜୟଦେବ ବିହାରର ସାହିଲ ସ୍କୋୟାରରୁ ଜଣେ ୫୮ ପୁରୁଷ, ଖଣ୍ଡଗିରିରୁ ଜଣେ ୨୮ ବର୍ଷ ପୁରୁଷ , ପାଣ୍ଡରାର ହାଇ-ଟେକ ହସ୍ପିଟାଲ ନିକଟସ୍ଥ ଜିଜିପି କଲୋନୀରୁ ଜଣେ ୪୪ ବର୍ଷ ପୁରୁଷ , ପାହାଳର ଆଇଓସିଏଲ କୋ-ଅପରେଟିଭ ସୋସାଇଟିରୁ ଜଣେ ୩୦ ବର୍ଷ ପୁରୁଷ , ଆଚାର୍ଯ୍ୟ ବିହାର ଦୂରଦର୍ଶନ କେନ୍ଦ୍ର ନିକଟରୁ ୨ଜଣ (୨୯ ଓ ୨୨ ବର୍ଷ ମହିଳା), କଳିଙ୍ଗ ନଗରର କେ-୭ରୁ ଜଣେ ୨୪ ବର୍ଷ ପୁରୁଷ , ପାତ୍ରପଡାରୁ ଜଣେ ୨୮ ବର୍ଷ ପୁରୁଷ ଚିହ୍ନଟ ହୋଇଛନ୍ତି। ସେହିପରି ଟଙ୍କପାଣି ରୋଡ଼ ପାଣ୍ଡବ ନଗରରୁ ଜଣେ ୨୮ ବର୍ଷ ମହିଳା, କଳିଙ୍ଗ ନଗରର କେ-୪ରୁ ଜଣେ ୫୨ ବର୍ଷ ମହିଳା, କାନନ ବିହାରର ସ୍ୱପ୍ନପୁରୀ ପଟିଆରୁ ଜଣେ ୪୪ ବର୍ଷ ପୁରୁଷ, ଚନ୍ଦ୍ରଶେଖରପୁରରୁ ଜଣେ ୪୪ ବର୍ଷ ପୁରୁଷ, ଖଣ୍ଡଗିରିର ଅମ୍ରିତ ନଗରରୁ ଜଣେ ୫୨ ବର୍ଷ ମହିଳା , ୟୁନିଟ-୪ ଶାସ୍ତ୍ରୀ ନଗରରୁ ଜଣେ ୫୧ ବର୍ଷ ପୁରୁଷ, ପଟିଆର ଅହଲ୍ୟା ନଗରରୁ ଜଣେ ୩୪ ବର୍ଷ ପୁରୁଷ , ଗଙ୍ଗନଗରର ପିଚୁପଡିଆ ବସ୍ତିରୁ ୨ଜଣ (୨୬ ଓ ୫୫ ବର୍ଷ ପୁରୁଷ), କଳିଙ୍ଗ ନଗରରୁ ଜଣେ ଘରୋଇ ହସ୍ପିଟାଲର ୨୩ ବର୍ଷ ମହିଳା କର୍ମଚାରୀ, ଲକ୍ଷ୍ମୀସାଗରର ଓସ୍କାର ସିଟିରୁ ଜଣେ ୨୪ ବର୍ଷ ପୁରୁଷ, ୟୁନିଟ-୬ର ସବର ସାହି ବସ୍ତିରୁ ଜଣେ ୪୫ ବର୍ଷ ପୁରୁଷ , ଚନ୍ଦ୍ରଶେଖରପୁରର ପ୍ରାଚୀ ଏନକ୍ଲେଭରୁ ଜଣେ ୨୫ ବର୍ଷ ମହିଳା , ଲୁଇସ ରୋଡ଼ରୁ ଜଣେ ୫୫ ବର୍ଷ ପୁରୁଷ ଏବଂ ନୟାପଲ୍ଲୀର ତ୍ରିନାଥ ନଗର ବସ୍ତିରୁ ୪ଜଣ (୧୮ ଓ ୧୪ ବର୍ଷ ପୁରୁଷ ଓ ୧୯ ଓ ୫୫ ମହିଳା)ରହିଛନ୍ତି ।

ଜଳେଶ୍ୱର ବ୍ଲକ ଅଂଚଳର ୨ ପଂଚାୟତରୁ ୬୯ ସ୍ୱାବ ଗ୍ରହଣ

ଜଳେଶ୍ୱର,୧୮।୭ (ନି.ପ୍ର): ଜଳେଶ୍ୱର ପୌରାଞ୍ଚଳରେ କରୋନା ପଜେଟିଭ୍ ସଂଖ୍ୟା ବହୁଗୁଣ ବଢିବାରେ ଲାଗିଥିବାରୁ ଜିଲା ପ୍ରଶାସନ ପୌରପାଳିକା ସହିତ ବ୍ଲକ ଅଂଚଳର ୨ଟି ସମ୍ବେଦନଶୀଳ ସ୍ଥାନରୁ ଆଜି ସ୍ୱାବ ସଂଗ୍ରହ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗର ସମୀକ୍ଷା ଅନୁଯାୟୀ ଗତ କିଛିଦିନ ତଳେ ମ୍ୟୁନିସିପାଲଟିର ସ୍ୱାବ ସଂଗ୍ରହ ବେଳେ ରାଜପୁର ପଂଚାୟତର ୧ଜଣ ପାଉଁରୋଟି ବ୍ୟବସାୟୀ ଓ ନଛିମପୁର ପଂଚାୟର ଆମ୍ବଳିଅଠା ଗାଁର ମା ଓ ପୁଅ ୨ଜଣଙ୍କ ସ୍ୱାବ ଟେଷ୍ଟରେ ପଜେଟିଭ୍ ଆସିଥିବାରୁ ଏହି ୨ ଅଂଚଳର ସେମାନଙ୍କ କଣ୍ଟାକ୍ଟରେ ଆସିଥିବା ଓ ସେମାନଙ୍କ ପରିବାର ଲୋକଙ୍କର ସ୍ୱାବ ଟେଷ୍ଟର ବ୍ୟବସ୍ଥା ହୋଇଛି । ଆଜି ପୂର୍ବାହ୍ନରେ ଆମ୍ବଳିଅଠା ୟୁଜିଏମ୍ଇ ସ୍କୁଲ ପରିସରରେ ହାତୀଗଡ ସିଏଚ୍‌ସି ଡାକ୍ତର ପ୍ରଭାସ ନାୟକ, ଆୟୁଷ ଡାକ୍ତର ଘନଶ୍ୟାମ ଦାସ, ଡା. ବିପ୍ଳବ ପ୍ରଧାନ, ପିଏଚ୍‌ଇଓ ଫକୀର ମୋହନ ପ୍ରଧାନ, ବିପିଏମ୍ ସ୍ମିତା ପ୍ରମାଣିକ, ଫାର୍ମାଶିଷ୍ଟ ଜ୍ୟୋତିର୍ମୟ ଡଗର ଓ ଦିବ୍ୟପ୍ରସାଦ କର, ମଂଜୁରାଣୀ ଦାସ, ରଶ୍ମିସାମଲ , କଳ୍ପନା ନନ୍ଦି, ଚିନ୍ମୟ ସେନାପତି, ସରପଂଚ ଦୀପାଳୀ ଜେନା ପ୍ରମୁଖ ରହି ୩୬ଜଣଙ୍କ ସ୍ୱାବ ଗ୍ରହଣ କରିଛନ୍ତି । ସରପଂଚ ଦୀପାଳୀ ଜେନା ଏହି ପଂଚାୟତରେ କରୋନା ପଜେଟିଭ୍ ସଂଖ୍ୟା ବଢିବାର ଆଶଙ୍କା କରି ତଥା ପଶ୍ଚିମବଂଗ ସୀମାକୁ ଲାଗି ରହିଥିବାରୁ ନଛିମପୁର ପଂଚାୟତକୁ ଆଜି ଶନିବାର ଦିନ ୧୦ଟାରୁ ୬୦ଘଣ୍ଟା ଲାଗି ସୋମବାର ରାତ୍ରି ୧୦ଘଣ୍ଟା ପର୍ଯ୍ୟନ୍ତ କଣ୍ଟେନ୍‌ମେଣ୍ଟ ଜୋନ୍‌ଭାବେ ଘୋଷଣା କରାଯାଇଛି । ସେହିପରି ରାଜପୁରରେ ସଂପୃକ୍ତ ବ୍ୟକ୍ତିଙ୍କ ପରିବାରବର୍ଗଙ୍କ ସାନିଧ୍ୟରେ ଆସିଥିବା ୩୩ଜଣଙ୍କ ଠାରୁ ସ୍ୱାବ ସଂଗ୍ରହ କରାଯାଇଥିବା ଜଣାଯାଇଛି ।

ଟାଉନ ଥାନାଧିକାରୀ ଦାୟିତ୍ୱ ନେଲେ ଶୁଭ୍ରାଂଶୁ ନାୟକ

ବାଲେଶ୍ୱର,୧୮।୭ (ନି.ପ୍ର): ଲାଞ୍ଚ ନେବା ମାମଲାରେ ବିବାଦୀୟ ହୋଇ ପଡ଼ିଥିବା ପୁଲିସ ଇନ୍‌ସ୍ପେକ୍ଟର ସରୋଜିନୀ ନାୟକ ବାଲେଶ୍ୱରରୁ ଯିବା ପରେ ଶୁଭ୍ରାଂଶୁ ନାୟକ ଏବେ ଟାଉନ ଥାନା ଅଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ପୂର୍ବରୁ ସେ ରେମୁଣା ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ। ତେବେ ତାଙ୍କର କାର୍ଯ୍ୟଦକ୍ଷତାକୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ତାଙ୍କୁ ଏବେ ଟାଉନଥାନାକୁ ବଦଳି କରାଯାଇଥିବା ଜଣାପଡ଼ିଛି। ସହଦେବଖୁଣ୍ଟା ଥାନା ଓ ବସ୍ତା ଥାନାରେ କାର୍ଯ୍ୟ କରିବା ପରେ ସେ ରେମୁଣା ଥାନାଧିକାରୀ ଭାବେ ଦାୟିତ୍ୱ ତୁଲାଉ ଥିଲେ। ବାଲେଶ୍ୱର ଟାଉନର ଭୌଗଳିକ ସ୍ଥିତି ଓ ଅପରାଧିକ କାର୍ଯ୍ୟକଳାପ ସମ୍ପର୍କରେ ସେ ପୂର୍ବରୁ ବେଶ ଅବଗତ ଥିବା କାରଣରୁ ତାଙ୍କୁ ଟାଉନ ଥାନାରେ ଅବସ୍ଥାପିତ କରାଯାଇଥିବା ଆଲୋଚନା ହେଉଛି। ତେବେ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଏହି ଥାନାର ଅଧିକାରୀ ଭାବେ ଦାୟିତ୍ୱ ନେବା ପରେ ଲୋକଙ୍କୁ ଉଚିତ ପୁଲିସ ସେବା ପ୍ରଦାନ ଉପରେ ସେ ଗୁରୁତ୍ୱ ଦେଉଛନ୍ତି। ବିଶେଷ କରି ସହରର ଅପରାଧିକ କାର୍ଯ୍ୟକଳାପ ହ୍ରାସ, ନିଶା କାରବାର ରୋକିବା, ନାରୀ ସୁରକ୍ଷା, ଟ୍ରଫିକ୍ ନିୟମ ଓ କୋଭିଡ୍ ନିୟମ ଶତପ୍ରତିଶତ କାର୍ଯ୍ୟକାରୀକୁ ଅଗ୍ରାଧିକାର ଦେବା ନେଇ ସେ ସୂଚନା ଦେଇଛନ୍ତି। ଏନେଇ ସେ ଟାଉନଥାନା ଅଞ୍ଚଳବାସୀଙ୍କ ସହଯୋଗ କାମନା କରିଛନ୍ତି। ଗତ୧ ତାରିଖରେ ଟାଉନଥାନା ଏସଆଇ ବିମଳେନ୍ଦୁ କର ଓ ଜନୈକ ଦଲାଲ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା ଏହି ମାମଲାରେ ସମ୍ପୃକ୍ତ ପୂର୍ବ ଥାନାଧିକାରୀ ସରୋଜିନୀ ନାୟକ ବିବାଦୀୟ ହୋଇପଡ଼ିଥିଲେ। ଚିଠି ପାଇ ବି ଭିଜିଲାନ୍ସ ବିଭାଗ ନିକଟରେ ହାଜର ହୋଇ ନଥିଲେ କିମ୍ବା ଥାନାରେ ଉପସ୍ଥିତ ରହୁନଥିଲେ। ଦୀର୍ଘ ଦୁଇ ସପ୍ତାହ ଧରି ଆଇଆଇସି ପଦବୀ ଖାଲି ପଡ଼ିବା ପରେ ଏବେ ଶୁଭ୍ରାଂଶୁ ନାୟକଙ୍କ କାର୍ଯ୍ୟଭାର ଗ୍ରହଣରେ ଲୋକେ ଆଶ୍ୱସ୍ତ ହୋଇଛନ୍ତି।

୬୦ନଂ ଜାତୀୟ ରାଜପଥ ନିକଟ ସିସି କ୍ୟାମେରା ଭାଂଗି ଲୁଟିନେଲେ ନଗଦ ଟଙ୍କା ଓ ମଦ

ଜଳେଶ୍ୱର, ୧୮/୭ (ନି.ପ୍ର) : ୬୦ନଂ ଜାତୀୟ ରାଜପଥର ଜଳୋଶ୍ୱର ଥାନା ଅନ୍ତର୍ଗତ ଏକ ବାର୍‌ର ପଛଝରକା ଭାଂଗି ଦୁବୃର୍ତ୍ତମାନେ ନଗଦ ଟଙ୍କା ଓ ମଦ ଲୋଟିନେଇଥିବା ଜଣାଯାଇଛି । ଜଳେଶ୍ୱରରେ ଗତ ୧୩ ତାରିଖରୁ ୧୭ତାରିଖ ଯାଏ ସଟ୍ ଡାଉନ୍ ଯୋଗୁଁ ଏହି ବାର୍‌ଟି ବନ୍ଦ ରହିଥିବାରୁ ଦୁବୃର୍ତ୍ତମାନେ ଜାଣି ୧୫ତାରିଖ ରାତିରେ ବାର୍‌ରେ ଥିବା ସିସି କ୍ୟାମେରା ଭାଂଗିବା ସହିତ ପଛପଟ ଝରକାଭାଂଗି ଭିତରକୁ ପଶିଥିଲେ । ଏହି ବାର୍‌ର ମ୍ୟାନେଜର ଓଲିନ୍ଦା ଗ୍ରାମର ହରିଶଂକର ଜେନାଙ୍କ ଥାନାରେ ଅଭିଯୋଗ ଅନୁଯାୟୀ ଦୁବୃର୍ତ୍ତିର୍ମାନେ ଲକ୍ଷାଧିକ ଟଙ୍କାର ନଗଦ ରାଶି ଓ ପ୍ରାୟ ୨୨ହଜାର ଟଙ୍କା ମୂଲ୍ୟର ମଦ ଲୁଟ କରାଯାଇଥିବା କୁହାଯାଇଛି । ୬୦ନଂ ନାତୀୟ ରାଜପଥ ନିକଟରେ ଏପରି ଏକ ।ଚରୀ ହେବା ନେଇ ବହୁକଥା ଶୁଣିବାକୁ ମିଳୁଛି । ଚୋରୀ ହେବା ସଂପର୍କରେ ପ୍ରଥମେ ଘରର ମାଲିକ ବାର୍ ମ୍ୟନେଜରଙ୍କୁ ଜଣାଇବା ପରେ ଘଟଣାଟି ଲୋକଲୋଚନକୁ ଆସିଥିଲା ।

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର,୧୮।୭ (ନି.ପ୍ର): ଖାରବେଳ ଭବନସ୍ଥିତ ଏମ୍‌ଏସ୍‌ଏମ୍‌ଇ ବିଭାଗ ସମ୍ମିଳନୀ କକ୍ଷଠାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ମାନଙ୍କୁ ନେଇ ଆୟୋଜିତ ଏହି ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଶିଳ୍ପ ନିର୍ଦ୍ଦେଶକ ଶ୍ରୀ ଜି. ରେଘୁ, ଅତିରିକ୍ତ ଶାସନ ସଚିବ ଶ୍ରୀ ଉଦୟ ନାରାୟଣ ଦାସ, ଖଦୀ ଓ ଗ୍ରାମୋଦ୍ୟୋଗ କମିଶନର ନିର୍ଦ୍ଦେଶକ ଶ୍ରୀ ଏସ୍.କେ. ମହାନ୍ତି, ପରିଚାଳନା ନିର୍ଦ୍ଦେଶକ, ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଶ୍ରୀ ପି.କେ. ସାହାଣୀ ପ୍ରମୁଖ ଯୋଗଦେଇ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ଜିଲ୍ଲା ଅଧିକାରୀମାନଙ୍କଠାରୁ ଅବଗତ ହୋଇଥିଲେ।

ବ୍ରହ୍ମପୁରରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୦୦ ଜଣଙ୍କଠାରୁ ଜୋରିମାନା ଆଦାୟ

ଭୁବନେଶ୍ୱର,୧୮।୭ (ନି.ପ୍ର): ବହ୍ମପୁରରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ ୫୦୦ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି । ବ୍ରହ୍ମପୁର ଏସପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

ଅଗଷ୍ଟ ୧୫ ପର୍ଯ୍ୟନ୍ତ ଫସଲବୀମା ପ୍ରିମିୟମ ପୈଠ ସୀମା ବୃଦ୍ଧି କରିବାକୁ କିଷାନ କଂଗ୍ରେସର ଦାବି

ଭୁବନେଶ୍ୱର,୧୮।୭ (ନି.ପ୍ର): ଚାଷୀମାନେ ନିର୍ଦ୍ଧାରିତ ସମୟରେ ସରକାରଙ୍କ ସହଭାଗୀତାରେ ଫସଲବୀମା କରିବା ଅତ୍ୟନ୍ତ ଜରୁରୀ। ବର୍ତମାନ ସୁଦ୍ଧା ରାଜ୍ୟରେ ରଣୀ ଓ ଅଣରଣୀ ଚାଷୀ ବୀମାଭୂକ୍ତ ହେବାର ସ୍ପଷ୍ଟଚିତ୍ର ମିଳୁନାହିଁ। ତେଣୁ ସରକାର ଚାଷୀଙ୍କ ବୃହତର ସ୍ୱାର୍ଥ ଦୃଷ୍ଟିରୁ ପ୍ରତିଶ୍ରୁତି ମୁତାବକ ଚଳିତ ଖରିଫରେ ରାଜ୍ୟର ୨୫ ଲକ୍ଷ ଚାଷୀଙ୍କୁ ତୁରନ୍ତ ବୀମାଭୂକ୍ତ କରିବା ସହ ଆବଶ୍ୟକସ୍ଥଳେ ବୀମା ପ୍ରିମିୟମ ପୈଠ ସମୟ ସୀମା ଆସନ୍ତା ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେବାକୁ ପିସିସି କୃଷକ ସେଲ୍ ପକ୍ଷରୁ ଅଧକ୍ଷ ଶ୍ରୀ ଅମୀୟ ପଟ୍ଟନାୟକ ଦାବି କରିଛନ୍ତି। ସେ କହିଛନ୍ତି ଯେ ଫସଲବୀମା କୃଷକମାନଙ୍କୁ ଉତ୍ପାଦନ ସମୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତିକୁ ଭରଣା କରିବା ପାଇଁ ସାହସ ଯୋଗାଇଥାଏ। ସେଥିପାଇଁ ବୁଣାବୁଣି ନ ହୋଇ ପାରିବା, ଫସଲ ଅବସ୍ଥାର କ୍ଷତି, ଅମଳ ପରବର୍ତ୍ତୀ କ୍ଷତି ଓ ସ୍ଥାନୀୟ ଦୁର୍ବିପାକ ଜନିତ କ୍ଷତିକୁ ବୀମାଭୂକ୍ତ କରିବା ପାଇଁ ୨୦୧୬ରୁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା କାର୍ଯ୍ୟକାରୀ କରାଯାଇ ଆସୁଅଛି। ଏହି ପରିପ୍ରେକ୍ଷୀରେ ଚଳିତ ଖରିଫରେ ସମୁଦାୟ ଫସଲର ୪୦ ଆୟତନ ଏବଂ ୨୫ ଲକ୍ଷ ରଣୀ ଓ ଅଣରଣୀ କୃଷକଙ୍କୁ ବୀମାଭୁକ୍ତ କରିବା ପାଇଁ ସରକାର ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ଏଥିପାଇଁ ଚାଷୀଙ୍କୁ ବ୍ୟାପକ ସଚେତନ କରାଇବାର ଆବଶ୍ୟକତା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆଜି ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ କେଉଁ ଘରୋଇ କମ୍ପାନୀମାନେ ଫସଲବୀମା କରାଇବାର ଦାୟିତ୍ୱ ତୁଲାଇବେ ତାହା ଆଜି ପର୍ଯ୍ୟନ୍ତ ନିଷ୍ପତି କରାଯାଇ ନ ଥିବା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ସେହିପରି ଚଳିତ ଖରିଫରେ ଆଠଗୋଟି ବିଜ୍ଞାପିତ ଫସଲ ପାଇଁ ବୀମାଭୂକ୍ତ କରାଯାଇଛି, ସେଗୁଡ଼ିକ ହେଲା ଧାନ, ମକା, ଚିନାବାଦାମ, ହରଡ଼, କପା, ମାଣ୍ଡିଆ, ଅଦା, ହଳଦୀ। ଏହି କ୍ରମରେ ମଧ୍ୟ କେନ୍ଦ୍ର ସରକାର ନଡିଆ, ପାନ, ପିଆଜ ଓ ଅଧିକ ଅନ୍ୟ ଅମଳକ୍ଷମ ଫସଲକୁ ବୀମା ଅନ୍ତର୍ଭୁକ୍ତ କରିବା ସହ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ଫସଲବୀମା ୟୁନିଟ୍ ଭାବେ କାର୍ଯ୍ୟକାରୀ କରିବାପାଇଁ କର୍ମକର୍ତାମାନେ ପ୍ରସ୍ତାବ ଦେଇଛନ୍ତି।

OFFICE OF THE DIST. FISHERIES OFFICER-CUM, C.E.O., FFDA, MAYURBHANJ

CORRINGENDUM.

Notice No. 1330 / Dated 14/07/2020/

Due to certain un-avoidable circumstances and in continuation to this office Tender Call Notice No.1312, dated 08.07.2020, to be opened on dated 17.07.2020 at 3.00 P.M of the above tender are hereby postponed and the same will be opened on 27.07.2020 by 3.00 P.M. in the office Chamber of the undersigned. The sealed tenders will be received only up-to 2.00 P.M. of 27.07.2020. The tenderers' are therfore requested to remain present on the revised date and time for opening of the tenders. Inconvenience caused is regretted.

(s.k Ghadei)
District Fisheries officer-Cum-
C.E.O, FFDA, Mayurbhanj.

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଜୁଲାଇ ୨

ରବିବାର,୧୯ ଜୁଲାଇ ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ କରୋନା ସ୍ଥିତି: ଗଂଜାମ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୨୮୦ ହେଲା

ଭୁବନେଶ୍ୱର,୧୮।୭ (ନି.ପ୍ର): ଆଜି ଗଂଜାମ ଜିଲ୍ଲାରେ ୧୮୨ କରୋନା ମାମଲା ସାମନାକୁ ଆସିବା ପରେ ଏହି ଜିଲ୍ଲା କରୋନା ସଂକ୍ରମଣ ମାମଲାରେ ସବୁଠାରେ ଆଗରେ ରହିଛି । ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ୫୨୮୦ ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ଏହି ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଆଜି ସୁଦ୍ଧା ଅନୁଗୁଳ ଜିଲ୍ଲାରେ ୧୬୬, ବାଲେଶ୍ୱର ଜିଲ୍ଲାରେ ୬୫୮, ବରଗଡ ଜିଲ୍ଲାରେ ୨୪୪, ଭଦ୍ରକ ଜିଲ୍ଲାରେ ୩୧୭ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୨୮୨. ବୌଦ୍ଧ ଜିଲ୍ଲାରେ ୬୯, କଟକ ଜିଲ୍ଲାରେ ୧୧୮୪, ଦେବଗଡ ଜିଲ୍ଲାରେ ୬୯, ଢେଙ୍କାନାଳ ଜିଲ୍ଲାରେ ୧୨୧. ଗଜପତି ଜିଲ୍ଲାରେ ୬୬୪, ଜଗତସିଂହପୁର ଜିଲ୍ଲାରେ ୪୯୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଯାଜପୁର ଜିଲ୍ଲାରେ ୯୫୩, ଝାରସୁଗୁଡା ଜିଲ୍ଲାରେ ୨୧୨, କଳାହାଣ୍ଡି ଜିଲ୍ଲାରେ ୮୫, କନ୍ଧମାଳ ୨୦୬, କେନ୍ଦ୍ରାପଡା ଜିଲ୍ଲାରେ ୩୪୧, କେନ୍ଦୁଝର ଜିଲ୍ଲାରେ ୩୮୯, ଖୋର୍ଧା ଜିଲ୍ଲାରେ ୧୮୬୫ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରେ ୨୨୫, ମାଲକାନଗିରି ଜିଲ୍ଲାରେ ୨୭୪, ମୟୁରଭଂଜ ଜିଲ୍ଲାରେ ୪୫୫. ନବରଙ୍ଗପୁର ଜିଲ୍ଲାରେ ୧୫୬ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ସାରିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ନୟାଗଡ ଜିଲ୍ଲାରେ ୩୨୬, ନୂଆପଡା ଜିଲ୍ଲାରେ ୧୦୦, ପୁରୀ ଜିଲ୍ଲାରେ ୩୯୮, ରାୟଗଡା ଜିଲ୍ଲାରେ ୧୮୭. ସମ୍ବଲପୁର ଜିଲ୍ଲାରେ ୧୫୬. ସୁବର୍ଣ୍ଣପୁର ଜିଲ୍ଲାରେ ୪୯ ଓ ସୁନ୍ଦରଗଡ ଜିଲ୍ଲାରେ ୭୭୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

ତୃତୀୟ ସପ୍ତାହଅନ୍ତ ସଟ୍ ଡାଉନ୍‌ର ପ୍ରଥମ ଦିବସ: ଜନଶୂନ୍ୟ ବାଲେଶ୍ୱର ସହର

ବାଲେଶ୍ୱର,୧୮।୭ (ନି.ପ୍ର): ସମ୍ପ୍ରତି ଦେଶରେ କରୋନା ସଂକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ି ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ ପ୍ରଥମେ ଲକ୍ ଡାଉନ୍ ଓ ଅନ୍‌ଲକ୍-୧ପରେ ଚଳିତ ଜୁଲାଇ ମାସ ପହିଲାରୁ ଆରମ୍ଭ ହୋଇଛି ଅନଲକ୍-୨ । ତେବେ ଅନଲକ୍-୧ ତୁଳନାରେ ଅନଲକ୍-୨ରେ କେନ୍ଦ୍ର ସରକାର କଟକଣା କିଛି କୋହଳ କରିଥିବା ବେଳେ ଓଡ଼ିଶାରେ ବାଲେଶ୍ୱର ସମେତ ଏକାଧିକ କରୋନା ପ୍ରବଣ ଜିଲ୍ଲାରେ ପୂର୍ବପରି ସପ୍ତାହ ଅନ୍ତ ଦୁଇଦିନିଆ ସଟ୍ ଡାଉନ୍ ବଳବତ୍ତର ରହିଛି । ଆଜି ଥିଲା ଅନଲକ୍-୨ର ତୃତୀୟ ସପ୍ତାହ ଅନ୍ତ ସଟ ଡାଉନର ପ୍ରଥମ ଦିନ । ବାଲେଶ୍ୱର ସହର ସମେତ ଜିଲ୍ଲାର ଜନସାଧାରଣ ଏହି ସଟ୍ ଡାଉନ୍ ନିୟମକୁ ବେଶ୍ ଗୁରୁତ୍ୱର ସହ ପାଳନ କରିଛନ୍ତି । ସକାଳଠାରୁ ବାଲେଶ୍ୱର ସହର ସମ୍ପୂର୍ଣ୍ଣ ଜନଶୂନ୍ୟ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ସମସ୍ତେ ଘରେ ରହିବା ସହ ଅତି ଆବଶ୍ୟକ କ୍ଷେତ୍ରରେ ପଲିସ ଓ ପ୍ରଶାସନର ଅନୁମତି ନେଇ କାଁଭାଁ ଲୋକେ ବାହାରକୁ ବାହାରିଥିଲେ । ଜିଲ୍ଲାର ସମସ୍ତ ପ୍ରବେଶ ପଥକୁ ସିଲ୍ ସହ ପୁଲିସ ପକ୍ଷରୁ କଡ଼ା ପହରା ଓ ଯାଞ୍ଚ ବ୍ୟବସ୍ଥା କରାଯାଇଥିଲା । ଏହା ବ୍ୟତୀତ ସହରର ବିଭିନ୍ନ ଛକରେ ଦଳ ଦଳ ପୁଲିସ କର୍ମଚାରୀ ଡ୍ୟୁଟି କରୁଥିବା ଦେଖିବାକୁ ମିଳିଛି । ରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ସଟ୍ ଡାଉନ୍‌ରେ ଘରୁ ବାହାରିବାର କାରଣ ପଚାରିବା ସହ ଯାଞ୍ଚ ବି କରୁଥିଲେ । ଅନ୍ୟ ପକ୍ଷରେ ଏକାଧିକ ପୁଲିସ ପାଟ୍ରୋଲିଂ ଗାଡ଼ି ସହରରେ ପଇଁତିରା ମାରିବା ସହିତ ସଟ୍ ଡାଉନ୍‌ର ସ୍ଥିତି ଅନୁଧ୍ୟାନ କରୁଥିଲା । ସେହିଭଳି ପଦସ୍ଥ ପୁଲିସ ଅଧିକାରୀମାନେ ମଧ୍ୟ ସହରର ବିଭିନ୍ନ ଅଞ୍ଚଳ ବୁଲିବା ସହିତ ସଟ ଡାଉନ୍ କାର୍ଯ୍ୟକାରିତା ଉପରେ ନଜର ରଖୁଛନ୍ତି । ମୋଟ୍ ଉପରେ ସଚେତନ ଜିଲ୍ଲାବାସୀଙ୍କ ସହଯୋଗରୁ ବାଲେଶ୍ୱରରେ ଅନଲକ୍-୨ର ତୃତୀୟ ସପ୍ତାହ ପ୍ରଥମ ଦିନ ସଟ୍ ଡାଉନ୍ ବାଲେଶ୍ୱରରେ ବେଶ ପ୍ରତିଫଳିତ ହୋଇଥିବା ଲକ୍ଷ୍ୟ କରାଯାଇଛି । ତେବେ ଜିଲ୍ଲାରେ କରୋନା ସଂକ୍ରମଣ ରୋକିବା ପାଇଁ ସାମାଜିକ ଦୂରତ୍ୱ ରକ୍ଷା ସାଙ୍ଗକୁ ମାସ୍କ ଓ ସାନିଟାଇଜର ବ୍ୟବହାର ନିମନ୍ତେ ପୁଲିସ ତଥା ପ୍ରଶାସନ ପକ୍ଷରୁ ଜିଲ୍ଲାବାସୀଙ୍କୁ ନିବେଦନ କରାଯାଇଛି ।

ଗତ ୨୪ ଘଂଟାରେ ଦେଶରେ ୩୪୮୮୪ଟି କରୋନାର ନୂଆ ମାମଲା: ୬୭୧ ଜଣଙ୍କର ମୃତ୍ୟୁ

ନୂଆଦିଲ୍ଲୀ,୧୮।୭ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧ୍ୟରେ ୩୪୮୮୪ ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହା ସହିତ କରୋନା ମାମଲା ସଂଖ୍ୟା ୧୦,୩୮୭୧୬ କୁ ବୃଦ୍ଧି ପାଇଛି । ଗତ ୨୪ ଘଂଟା ମଧ୍ୟରେ ୬୭୧ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଦେଶରେ ବର୍ତମାନ ୩୫୮୬୯୨ ସକ୍ରିୟ ରୋଗୀ ଅଛନ୍ତି । ଏଥି ସହିତ ବର୍ତମାନ ସୁଦ୍ଧା ୨୬୨୭୨ ମୃତ୍ୟୁବରଣ କରିଛନ୍ତି । ଦେଶରେ ମୋଟ ୬୫୩୭୫୧ ରୋଗୀ ସୁସ୍ଥ ହୋଇ ସାରିଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି ।

ସୁବର୍ଣ୍ଣରେଖା ନଦୀବାଲି ଲୁଣ୍ଠନ ବଢି ଚାଲିଛି

ଗୋପ ଓ ବଜାରଶୋଳ ଗାଁ ନିକଟରେ ନଦୀରେ ନାହିଁ ବାଲି ସୈରାତ : ବ୍ୟାପକ ବାଲି ପରିବହନ

ଜଳେଶ୍ୱର,୧୮।୭ (ନି.ପ୍ର): ସୁବର୍ଣ୍ଣରେଖା ନଦୀର ବାଲିର ଚାହିଦା ଅଧିକ ଥିବାରୁ ଏହାର ମୂଲ୍ୟ ଅଧିକ ହୋଇଥାଏ । କେତେକ ବାଲି ମାଫିଆ ସୈରାତ ନଥିବା ସ୍ଥାନରୁ ବାଲି ଉତ୍ତୋଳନ କରି ମାଲେମାଲ ହେଉଥିବା ଦେଖିବାକୁ ମିଳୁଛି । ଫଳରେ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ସରକାର ହରାଉଛନ୍ତି । ଘଟଣାରୁ ପ୍ରକାଶ ଜଳେଶ୍ୱର ତହସିଲ ଅନ୍ତର୍ଗତ ଗୋପ ଓ ବଜାରଶୋଳ ଗାଁ ନିକଟରେ ସୁବର୍ଣ୍ଣରେଖା ନଦୀର କୌଣସି ବାଲି ସୈରାତ ନଥିବା ବେଳେ ସେସବୁ ସ୍ଥାନରେ ନିଲାମ ଦେବା ପ୍ରଶ୍ନ ଉଠୁନାହିଁ । କିନ୍ତୁ ଗାଁର କେତେକ ବ୍ୟକ୍ତି ଗତ କିଛିଦିନ ଧରି ସେଠାରୁ ରାତିରେ ବାଲି ଉତ୍ତୋଳନ କରୁଥିବା ଦେଖିବାକୁ ମିଳୁଛି । ପୂର୍ବରୁ ବାଲି ଉତ୍ତୋଳନ ହେଉନଥିବାରୁ ସେଠାରୁ ନଦୀପଠାକୁ ରାସ୍ତା ନଥିଲା । ତେଣୁ ଏବେ ଗ୍ରାମର କେତେକ ବ୍ୟକ୍ତି ଏକ ନୂତନ ରାସ୍ତା ନିର୍ମାଣ କରି ଚୋରାରେ ବାଲି ଉତ୍ତୋଳନ କରୁଛନ୍ତି । କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସୁବର୍ଣ୍ଣରେଖା ନଦୀଟି ଜଳେଶ୍ୱର ତହସିଲ ମଧ୍ୟଦେଇ ଗତି କରିଥିବାରୁ ୧୨/୧୩ଟି ସ୍ଥାନରେ ବାଲି ସୈରାତ ନଥାଇ କେତେକ ମୁନାଫାଖୋର ବ୍ୟକ୍ତି ଚୋରାରେ ବାଲି ଉତ୍ତୋଳନ କରୁଥିବାରୁ ସେଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି । ଗୋପ-ବଜାରଶୋଳ ଗ୍ରାମ ନିକଟରେ ବାଲି ଉତ୍ତୋଳନ ଯୋଗୁଁ ଏହାର ଫଟୋଉତ୍ତୋଳନ କରି କେତେକ ବ୍ୟକ୍ତି ଜିଲାପ୍ରଶାସନ, ଭିଜିଲାନ୍ସ, ପୁଲିସ୍ ଡିଜି, ଖଣି ଓ ପରିବେଶ ବିଭାଗ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ପ୍ରଶାସନିକ ଉଦାସୀନତା ଯୋଗୁଁ ବେଆଇନ୍ ବାଲି ଉତ୍ତୋଳନ ହେଉଥିବାର କୁହାଯାଉଛି । କର୍ତ୍ତୃପକ୍ଷ ଦୃଷ୍ଟି ଦେଲେ ସରକାରଙ୍କ ରାଜସ୍ୱହାନି ଘଟନ୍ତାନାହିଁ ବୋଲି କହୁଯାଇଛି ।

କୋଭିଡ୍ ନିୟମ ଉଲ୍ଲଂଘନ : ୨୪ ଘଂଟାର ୨୩ ମାମଲା ରୁଜୁ

ଭୁବନେଶ୍ୱର,୧୮।୭ (ନି.ପ୍ର): ରାଜ୍ୟରେ କୋଭିଡ୍ -୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଜୁଲାଇ ୧୭ରୁ ଜୁଲାଇ ୧୮ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଂଟା ମଧ୍ୟରେ ୨୩ ଟି ମାମଲା ଦାୟର କରାଯାଇଛି । ଏଥି ମଧ୍ୟରୁ ୨୧ଟି ମାମଲା ଲକ୍ ଡାଉନ୍ ସଂପର୍କିତ ହୋଇଥିବାବେଳେ ୧ଟି ମାମଲା ହୋମ୍ କ୍ୱାରାଂଟାଇନ୍ ଉଲ୍ଲଂଘନ ଏବଂ ୧ଟି ମାମଲା ଅନ୍ୟାନ୍ୟ କାରଣ ପାଇଁ ଅଟେ । ୨୯ ଜଣଙ୍କୁ ବିଭିନ୍ନ ଅଭିଯୋଗରେ ଗିରଫ କରାଯାଇଛି ।

ସଜନାଗଡ ଡିଲରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତ୍ତିହୀନ

ରାସନ ସହ ଟଙ୍କା ନେଇଥିବା ହିତାଧିକାରୀଙ୍କ ସ୍ୱୀକାର

ନୀଳଗିରି,୧୮।୭ (ନି.ପ୍ର): ରାଜ୍ୟ ସରକାର ରାସନ ସାମଗ୍ରୀକୁ ନେଇ ବିଭିନ୍ନ ସ୍ତରରେ ସ୍ୱଚ୍ଛତା ଅବଲମ୍ବନ କରିଛନ୍ତି । ଯୋଗାଣ ଅଧିକାରୀଙ୍କ ଆଖିରେ ଧୁଳି ଦେଇ ରାସନ ସାମଗ୍ରୀ ହରିଲୁଟ ହୋଇଥିବା ନେଇ ନୀଳଗିରି ଉପଖଣ୍ଡର ସଜନାଗଡ ପଂଚାୟତର ଡିଲର ବାଂଞ୍ଚାନିଧି ବାରିକଙ୍କ ବିରୋଧରେ ଆସିଥିବା ଅଭିଯୋଗ ଭିତିହୀନ ବୋଲି ହିତାଧିକାରୀ ନିଜେ ସ୍ୱୀକାର କରିଛନ୍ତି । କରୋନା ମହାମାରୀ ବିପଦ ସମୟରେ ସରକାର ଲକଡାଉନ ଘୋଷଣା କରିଥିଲେ । ଏହି ଲକଡାଉନ ସମୟରେ ଗରିବ ଜନସାଧାରଣ ଯେପରି ଅସୁବିଧାରେ ନପଡିବେ ସେଥିପାଇଁ ଆଗୁଆ ତିନି ମାସର ରାସନ ସାମଗ୍ରୀ ଦିଆଯାଇଥିଲା । ପରେ ୧ ହଜାର ଟଙ୍କାର ବିତୋରଣ ବେଳେ ପ୍ରକୃତ ହିତାଧିକାରୀ ଅନୁପସ୍ଥିତ ଥିବା ହସ ରାସନ ଯୋଗାଣରେ ଘୋଟାଲା ହୋଇଥିବା ଖବର ପ୍ରକାଶ ପାଇଥିଲା । ଉକ୍ତ ପଂଚାୟତର ନୁଆସାହି ଗ୍ରାମର କିଛି ହିତାଧିକାରୀ ଟଙ୍କା ପାଇନଥିବା ସହିତ କିଏସଓ ମେସିନରେ ଟିପ ନେଇ ଡାଲି ଚାଉଳ ଦିଆଯାଇଥିବାବେଳେ ଡିଲର କିରୋସିନି ଦେଇନଥିବା ଅଭିଯୋଗ ହୋଇଥିଲା । ମାତ୍ର ଏନେଇ ଉକ୍ତ ଗ୍ରାମାର ଗ୍ରାମବାସୀ , ବରିଷ୍ଠନାଗରିକ, ଡିଲର, ସ୍ୱେଚ୍ଛାସେବୀ , ସ୍ଥାନୀୟ ସରପଂଚ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଯାଂଚ ବେଳେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ହିତାଧିକାରୀ ମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜନୈକ ବ୍ୟକ୍ତି ଏପରି ହୀନ କାର୍ଯ୍ୟ କରୁଥିବା ଜଣାପଡିଛି ।

କରୋନା ରୋଗୀଙ୍କ ଚିକିତ୍ସା ପାଇଁ ପ୍ଲାଜମା ଦାନ କରିବେ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର,୧୮।୭ (ନି.ପ୍ର): କରୋନାରୁ ସୁସ୍ଥ ହୋଇଥିବା ଅଗ୍ନିଶମ କର୍ମଚାରୀ ଗୁରୁତର କରୋନା ରୋଗୀଙ୍କ ପାଇଁ ପ୍ଲାଜମା ଦାନ କରିବେ । ପ୍ରଥମ ପର୍ଯ୍ୟାୟରେ ୧୦ ଜଣ କର୍ମଚାରୀ ପ୍ଲାଜମା ଦାନ କରିବେ । କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ ଠାରେ ଆରମ୍ଭ ହୋଇଥିବା ପ୍ଲାଜମା ବ୍ୟାଙ୍କରେ ସେମାନଙ୍କଠାରୁ ପ୍ଲାଜମା ସଂଗ୍ରହ ହେବ ବୋଲି ଟ୍ୱିଟ୍ ମାଧ୍ୟମରେ ସୂଚନା ଦେଇଛନ୍ତି ଅଗ୍ନିଶମ ଡିଜି ସତ୍ୟଜିତ ମହାନ୍ତି । ସୂଚନାଯୋଗ୍ୟ ଯେ ନିକଟରେ ଓଡିଶା ଓ ପଶ୍ଚିମବଙ୍ଗରେ ବାତ୍ୟା ଅମ୍ପାନ ଯୋଗୁଁ ବ୍ୟାପକ କ୍ଷତି ହୋଇଥିଲା । ଉଦ୍ଧାର କାର୍ଯ୍ୟ ପାଇଁ ଓଡିଶାରୁ ଅଗ୍ନିଶମ ଟିମ୍ ପଶ୍ଚିମବଙ୍ଗ ଯାଇଥିଲେ । ସେଠାରୁ ଫେରିବାରେ ବହୁ ଅଗ୍ନିଶମ କର୍ମଚାରୀ କରୋନା ସଂକ୍ରମିତ ହୋଇଥିଲେ । ଚିକିତ୍ସା ପରେ ସେମାନେ ସୁସ୍ଥ ହୋଇଛନ୍ତି ।

ଛତିଶଗଡ଼ରେ ଏବେ ସୁଦ୍ଧା କରୋନାରେ ୨୪ ମୃତ୍ୟୁ : ୨୪୨ ନୂଆ ସଂକ୍ରମିତ

ରାୟପୁର,୧୮।୭ (ନି.ପ୍ର): ପ୍ରଦେଶରେ କରୋନା ସଂକ୍ରମଣ ବଢ଼ି ଚାଲିଛି । ଗତ ୨୪ ଘଂଟାରେ କରୋନାରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏଥି ସହିତ କରୋନାରେ ମୃତ୍ୟୁସଂଖ୍ୟା ୨୪ରେ ପହଂଚିଛି । କରୋନାକୁ ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ହୋଇଥିବା ରାଜ୍ୟ କଂଟ୍ରୋଲ ଆଣ୍ଡ କମାଣ୍ଡ ସେଂଟର ଦ୍ୱାରା ସୂଚନା ଦିଆଯାଇଛି ଯେ, ଗତ ୨୪ ଘଂଟାରେ ୨୪୨ ନୂଆ କରୋନା ସଂକ୍ରମିତ ରୋଗୀ ମିଳିଛନ୍ତି । ଏବେ ସୁଦ୍ଧା ମୋଟ ୪୯୭୬୬ ରୋଗୀ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୩୫୧୨ ଜଣଙ୍କୁ ଡିସଚାର୍ଜ କରିଦିଆଯାଇଛି। ବର୍ତମାନ ପ୍ରଦେଶରେ ୧୪୪୦ ଏକ୍ଟିଭ ରୋଗୀ ରହିଛି । ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଦିଆଯାଇଥିବା ସୂଚନା ଅନୁସାରେ ଶନିବାର ଦିନ ରାୟପୁରରେ ୩ ଜଣଙ୍କର ମୃତ୍ୟୁ ହୋଇଛି । ଏଥିରେ ଜଣେ ୭୮ ବର୍ଷ, ଅନ୍ୟ ଜଣେ ୪୩ ବର୍ଷ ଏବଂ ଜଣେ ମଧ୍ୟପ୍ରଦେଶ ନିବାସୀ ମହିଳା ଅଛନ୍ତି । ଏହି ତିନିଜଣ କରୋନା ପଜିଟିଭ ସହିତ ଲିଭର, କିଡ଼ନୀ ଏବଂ ଡାଇବେଟିସରେ ମଧ୍ୟ ପିଡ଼ୀତ ଥିଲେ । ଏଥିରୁ ଜଣେ ଏମ୍ସରେ ଏବଂ ଦୁଇଜଣ ବି. ଆର ଆମ୍ବେଦକର ହସ୍ପିଟାଲରେ ଚାଲୁଥିଲା । ଗତ ୨୪ ଘଂଟାରେ ରାୟପୁର ଜିଲ୍ଲାରୁ ୧୨୭, ଦୁର୍ଗ ରୁ ୨୫, ବିଳାସପୁରରୁ ୧୭, ସରଗୁଜାରୁ ୧୭, ବାଲୋଦରୁ ୯, ଗରିୟାବନ୍ଦରୁ ୫, ଯଶପୁରରୁ ୪, ରାୟଗଡ଼ରୁ ୩, ମୁଂଗେଲୀରୁ ୩, ମହାସମୁନ୍ଦରୁ ୬, ରାଜନାନ୍ଦଗାଓ୍ୱରୁ ୨୨, ଦନ୍ତେୱାଡ଼ାରୁ ୨ ଏବଂ ଘମତରୀ ଓ ବଲୋଦା ବଜାର ଜିଲ୍ଲାରୁ ୧-୧ ନୂଆ କରୋନା ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି । ରାୟପୁରର ନ୍ୟୁ ଶାନ୍ତି ନଗରର ଗୋଟିଏ ପରିବାରରୁ ୧୮ ଜଣଙ୍କ ସହିତ ଦୁଇଜଣ ସାମ୍ବାଦିକ ସାମିଲ ଅଛନ୍ତି । ଏବେ ଶାସକୀୟ ହସ୍ପିଟାଲରେ ୧୬୬୦ ବେଡ଼ ଉପଲବ୍ଧ ଅଛି । ଇଏସଆଇସି ହସ୍ପିଟାଲ ଖୋଲାଯାଇଛି । ମାନାରେ ତିଆରି କରାଯାଇଥିବା କୋଭିଡ଼ ହସ୍ପିଟାଲକୁ ପୁଣି ଥରେ ଖୋଲାଯାଇଛି । ରାୟପୁର ଜଲ୍ଲାର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ମୀରା ବଘେଲଙ୍କ କହିବା ଅନୁସାରେ ଯେଉଁଭଳି ଭାବରେ କରୋନା ରୋଗୀ ଚିହ୍ନଟ ହେଉଛନ୍ତି ସେହି ହିସାରେ ଯେଉଁଠାରେ ଅଧିକ ରୋଗୀ ମିଳୁଛନ୍ତି ସେଠାରେ ଲକ୍‌ଡାଉନ ହେବା ଦରକାର । ଏହା ଭୂପେଶଙ୍କ ନେତୃତ୍ୱାଧିନ କଂଗ୍ରେସ ସରକାରଙ୍କ ଗମ୍ଭୀର ନଜର ଆସୁନାହିଁ ବୋଲି ସେ କହିଛନ୍ତି ।

ଚାଷୀଙ୍କ ଧାନତଳି ଦଳିଦେଲେ ହାତୀପଲ

ନୀଳଗିରି,୧୮।୭ (ନି.ପ୍ର): ନୀଳଗିରି ଉପଖଣ୍ଡ ନା ଆସିଲେ ସାମ୍ନାକୁ ଆସେ ହାତୀ ଉପଦ୍ରବ କଥା ପ୍ରତିବର୍ଷ ନୀଳଗରି ରେ ବହୁ ଜାଗାରେ ହାତୀ ବ୍ୟାପକ ଫସଲ ନଷ୍ଟ କରିଥାନ୍ତି । ଗାଁ ଗଣ୍ଡାରେ ପଶି ଚାଉଳ , ଧାନ, ବାଡିରେ ପନି ପରିବା, ଗଛ ଇତ୍ୟାଦି ନଷ୍ଟ କରିଥାନ୍ତି । ଏବର୍ଷ ମୌସୁମୀ ସଠିକ ସମୟରେ ଆସିଥିଲେ ମଧ ସ୍ୱଳ୍ପ ବୃଷ୍ଟି ହେତୁ ନୀଳଗିରି ଧାନ ବେଉଷଣ ବିଳମ୍ବରେ ଚାଲିଛି । ଡେରିରେ ହେଉପଛେ ଚାଷୀ ଧାନ ତଳି ପକାଇ ବିଲ ରୋଇବାର ବ୍ୟବସ୍ଥା କରୁଥିବାବେଳେ ହାତୀ ପଲ ଧାନ ତଳି ଦଳିଦେଇ ଚାଷୀର ଚିନ୍ତା ବଢାଇଦେଇଛି । ତେବେ ଗତକାଲି ରାତିରେ ନୀଳଗିରି ଉପଖଣ୍ଡ ଅଧିନ ଔପଦା ବ୍ଲକ ବାଢଁଶବଣିଆ ପଂଚାୟତ ଡୋଲପୁର ଗ୍ରାମରେ ହାତୀ ପଲ ପଶି ଅନାମ ବିଶ୍ୱାଳ ସମେତ ଗ୍ରାମର ବହୁ ଚାଷୀଙ୍କର ବ୍ୟାପକ ଧାନ ତଳି ନଷ୍ଟ କରିଛନ୍ତି । ପୁଣି ଧାନ କାର୍ଯ୍ୟ ଆରମ୍ଭ ନହଉଣୁ ହାତୀଙ୍କର ଏପରି ଉପଦ୍ରବ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ଆଗାମୀ ଦିନରେ ଚାଷୀ ବାକୁଡା କିଭଳି ଧାନ ରୋଇ ଧାନ ଗଣ୍ଡାଏ ଆଣି ପରିବାର ପ୍ରତିପୋଷଣ କରିବ ଏନେଇ ଚିନ୍ତା ଘାରିଛି । ତେବେ ବନ ବିଭାଗ ଏଥିପ୍ରତି ଦୃଷ୍ଟି ଦେଇ ଉକ୍ତ ଅଂଚଳରେ ସଲାର ଫେନସିଙ୍ଗ କଲେ ଚାଷୀଙ୍କ ଚାଷକୁ ରକ୍ଷା କରାଯାଇପାରିବ ବୋଲି ଅଂଚଳ ବାସୀ ଦାବୀ କରିଛନ୍ତି ।

ସ୍ୱଳ୍ପ ବୃଷ୍ଟିରେ ପ୍ରଭାବିତ ଖରିଫ୍ ଚାଷ : ବାଲେଶ୍ୱର ଜିଲ୍ଲାରେ ମରୁଡ଼ି ଆଶଙ୍କା

ବାଲେଶ୍ୱର,୧୮।୭ (ନି.ପ୍ର): ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ବାଲେଶ୍ୱରରେ ଚଳିତ ବର୍ଷ ସ୍ୱଳ୍ପବର୍ଷା ଯୋଗୁଁ ଖରିଫ ଚାଷ ପ୍ରଭାବିତ ଆଶଙ୍କା ଏବେ ଘନୀଭୂତ ହେବାରେ ଲାଗିଛି । ଜୁନମାସର ଦ୍ୱିତୀୟାର୍ଦ୍ଧରେ ହୋଇଥିବା ଲଗାଣ ବର୍ଷା ପରେ ଧାନତଳି ପଡ଼ିଥିବା ବେଳେ ଏବେ ଏହି ତଳି କେମିତି ରୁଆଯିବ ତାହାକୁ ନେଇ ମୁଣ୍ଡରେ ହାତ ଦେଇ ବସିଛନ୍ତି ଜିଲ୍ଲାର ଚାଷୀ । କେଉଁଠି କେମିତି ଖାଲୁଆ ଜମିରେ ଲୋକେ ରଅଠଅ ଭାବେ ଅତିକଷ୍ଟରେ ବିଲକାମ କରୁଛନ୍ତି । ଆଷାଢ ମାସ ଶେଷ ହୋଇ ଏବେ ଶ୍ରାବଣ ମାସ ଚାଲିଥିବା ବେଳେ ଏବେ ବିଲରେ ଆଣ୍ଠୁଏ ପାଣିରେ ବିଲକାମ ଚାଲିବା ସହିତ ଚାଷୀକୁ ବିଶ୍ରାମ ନେବାକୁ ଫୁରସତ ମିଳେନି । ମାତ୍ର ସେହି ସମୟରେ ଚାଷୀ ଏବେ ବିଲକୁ ନ ଯାଇ ଘରେ ବସି ରହିଥିବା ବେଳେ ଚାଷଜମିରେ ଗୋରୁ ଛେଳି ଚରୁଛନ୍ତି । କାଁଭାଁ ଉଠା ଜଳସେଚନ ବ୍ୟତୀତ ଜିଲ୍ଲାର ଚାଷୀମାନେ ସମ୍ପୂର୍ଣ୍ଣ ମୌସୁମି ବର୍ଷା ଉପରେ ନିର୍ଭର କରିଥା'ନ୍ତି । ମାତ୍ର ବର୍ଷା ଅଭାବରୁ ବାଲେଶ୍ୱର ଜିଲ୍ଲାର ହଜାର ହଜାର ହେକ୍ଟର ଜମିକୁ ଏବେ ବି ହଳଲଙ୍ଗଳ ଯାଇନାହିଁ । ଗତ ସପ୍ତାହରେ ହୋଇଥିବା ସ୍ୱଳ୍ପବର୍ଷାରେ ଅଳ୍ପ ପାଣିଥିବା କେତେକ ଖାଲୁଅ ବିଲରେ ଲୋକେ ଧାନତଳି ପୋତୁଛନ୍ତି, ସେ ପୁଣି ଆଗ